# ୧୦,୯୬୨ ହେକ୍ଟର ଫସଲ ନଷ୍ଟ

## ଧାନ ୧୦,୬୫୦ ଏବଂ ପରିବା ୩୧୨ ହେକ୍ଟର

ଖୋର୍ଦ୍ଧା ଅଫିସ,୨୪।୮



ଖୋର୍ଦ୍ଧା ବ୍ଲକର ନରଣଗଡ଼, ଓରବରସିଂ, ବ୍ରଜମୋହନପୁର ପଞ୍ଚାୟତର ୧୭ ଗାଁ ଏବେ ବି ବନ୍ୟାପାଣି ଘେରରେ ରହିଛି। ଜଳସ୍ତର କମୁଛି ହେଲେ ଲୋକଙ୍କ ଦୁର୍ଦ୍ଦଶା ଥମୁନି। ଏକର ଏକର ଚାଷଜମି ବୁଡ଼ି ରହିଛି। ମୌସୁମୀ ପ୍ରବେଶରେ ବିଳମ୍ବ, ସ୍ୱଳ୍ପବୃଷ୍ଟି, ଲଘୁଚାପ ବର୍ଷା ପରେ ବନ୍ୟାପାଣି ଚାଷୀଙ୍କୁ ଚିନ୍ତା ଘାରିଛି। ହଜାର ହଜାର ହେକ୍ଟର ଜମିରେ ବନ୍ୟାଜଳ ମାଡ଼ି ଧାନ ଫସଲ ଉଜୁଡିଯାଇଛି। ଗତବର୍ଷ ମଧ୍ୟ ଏହି ସମୟରେ ଚାଷୀ ଲଘୁଚାପ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚଳିତବର୍ଷ ସମାନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବୁଧବାର ସୁଦ୍ଧା ହୋଇଥିବା ବର୍ଷାରେ ଜିଲା କୃଷି ବିଭାଗ ଆକଳନ ଅନୁସାରେ ଜିଲାର ୧୦ଟି ବ୍ଲକର ୮୨ ପଞ୍ଚାୟତର ୨୪୩ ଗାଁର ପ୍ରାୟ ୧୦ହଜାର ୯୬୨ ହେକ୍ଟର ଫସଲ ନଷ୍ଟ ହୋଇଛି। ସେଥିରେ ୧୦,୬୫୦ ହେକ୍ଟର ଧାନ ଏବଂ ୩୧୨ ହେକ୍ଟର ଅଣଧାନ (ପନିପରିବା) ରହିଛି। ଖୋର୍ଦ୍ଧା ବ୍ଲକ ୧୨ ପଞ୍ଚାୟତର ୪୨ ଗ୍ରାମର ୨୨୬୮ ହେକ୍ଟର ଧାନ ଏବଂ ୪୦ ହେକ୍ଟର ପନିପରିବା ନଷ୍ଟ ହୋଇଛି। ସେହିପରି ବେଗୁନିଆ ବ୍ଲକ ୨୧ ପଞ୍ଚାୟତର ୪୫ ଗାଁର ୧୭୩୧ ହେକ୍ଟର ଧାନ, ବୋଲଗଡ଼ ବ୍ଲକ ଗୋଟିଏ ପଞ୍ଚାୟତର ୩ ଗାଁର ୭ ହେକ୍ଟର, ଟାଙ୍ଗୀ ବ୍ଲକ ୬ ପଞ୍ଚାୟତର ୨୪ଟି ଗ୍ରାମର ୬୬୫ ହେକ୍ଟର ଧାନ ଓ ୫୦ ହେକ୍ଟର ପରିବା, ବାଣପୁର ବ୍ଲକ ଗୋଟିଏ ପଞ୍ଚାୟତର ୪ ଗ୍ରାମର ୧୬ ହେକ୍ଟର ଧାନ, ଭୁବନେଶ୍ୱର ବ୍ଲକର ୬ଟି ପଞ୍ଚାୟତର ୨୧ ଗାଁର ୮୪୪ ହେକ୍ଟର ଧାନ ଓ ୪୯ ହେକ୍ଟର ପରିବା, ଜଟଣୀ ବ୍ଲକ ୬ ପଞ୍ଚାୟତର ୩୪ଟି ଗାଁର ୧୫ଶହ ହେକ୍ଟର ଧାନ, ବାଲିଅନ୍ତା ବ୍ଲକ ୧୬ ପଞ୍ଚାୟତର ୨୮ ଗାଁର ୧୪୦୨ ହେକ୍ଟର ଧାନ ଓ ୨୭ ହେକ୍ଟର ପରିବା କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାଲିପାଟଣା ବ୍ଲକ ୧୩ ପଞ୍ଚାୟତର ୪୨ ଗାଁର ୨୨୧୭ ହେକ୍ଟର ଧାନ ଓ ୧୪୬ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଆଗାମୀ ୨୭ରୁ ୩୦ ତାରିଖ ମଧ୍ୟରେ ରାଜସ୍ୱ, କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଯୁଗ୍ମ ଭାବେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟର ସହକାରୀ କୃଷି ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ କହିଛନ୍ତି।

## ସଂକ୍ଷେପରେ

### 'ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ'

#### ଭାଜପା କୃଷକମୋର୍ଚ୍ଚା ରାଜ୍ୟ ପ୍ରତିନିଧିମଣ୍ଡଳୀର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

**ବାଲିପାଟଣା,୨୪।୮(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ସୋମଣାଶାସନ, ରାଜସ ଓ ମୁକୁନ୍ଦଦାସପୁର ପଞ୍ଚାୟତ ଅଞ୍ଚଳର ଚାଷଜମିରେ ବନ୍ୟାପାଣି ଜମି ରହିବା ସହ ଶତାଧିକ ଏକର ଫସଲ ନଷ୍ଟ ହୋଇଯାଇଛି। ବୁଧବାର ଭାଜପା କୃଷକମୋର୍ଚ୍ଚାର ରାଜ୍ୟ ପ୍ରତିନିଧିମଣ୍ଡଳୀ ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ରାଜସ୍ୱ ନିରୀକ୍ଷକଙ୍କୁ ତୁରନ୍ତ ଚାଷ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ ସଂଯୋଜକ ତଥା ଜିଲା ପ୍ରଭାରୀ ହିତେଶ୍ ମହାପାତ୍ର, ସଂଯୋଜକ ସରୋଜ କୁମାର ସାହୁ ସାମିଲ ଥିଲେ। ରବି ଫସଲ ପାଇଁ ଚାଷୀଙ୍କୁ ମାଗଣାରେ ବିହନ, ସାର ଓ କୀଟନାଶକ ସହ ଆର୍ଥିକ ସାହାଯ୍ୟ ଯୋଗାଇଦେବା ସରକାରଙ୍କ କର୍ତ୍ତବ୍ୟ ବୋଲି ଭାଜପା ନେତୃବୃନ୍ଦ ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ସ୍ଥାନୀୟ ଯୁବନେତୃତ୍ୱ ଦିଲୀପ କୁମାର ଖଟେଇ, ଜିତେନ୍ଦ୍ର ବଳବନ୍ତରାୟ, ସୁକାନ୍ତ ପ୍ରଧାନଙ୍କ ସମେତ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ୨୫ ଲକ୍ଷର ବ୍ରାଉନସୁଗାର ଜବତ ଘଟଣା

### ଗିରଫ ସଂଖ୍ୟା ୭କୁ ବୃଦ୍ଧି

**ଭୁବନେଶ୍ୱର,(ବ୍ୟୁରୋ)୨୪।୮:** ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦିପଡ଼ିଆ ବସ୍ତିରେ ୨୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ହଳଦିପଡ଼ିଆ ବସ୍ତିରେ ରହୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ଅଜିତ ବେପାରୀ ଓରଫ ଟାବଲେଟ (୩୨)। ଏହି ଘଟଣାରେ ମୋଟ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ମାମଲା (ନଂ. ୨୧୫/୨୦୨୨)ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଶନିବାର ସକାଳେ ଶାହାରୁଖ୍ ହଳଦିପଡ଼ିଆ ବସ୍ତିକୁ ବ୍ରାଉନସୁଗର ବିକ୍ରି କରିବାକୁ ଆସିଥିବା ବେଳେ ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୨୫ ଲକ୍ଷ ଟଙ୍କା ମୂଲ୍ୟର ୨୫୪ ଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ, ୨ଟି ମୋବାଇଲ ଓ ନଗଦ ୩୦୦ ଟଙ୍କା ଜବତ କରାଯାଇଥିଲା।

### ଓଡ଼ିଶୀ ନୃତ୍ୟ ଗୁରୁ ରୁବି ହାତୀଙ୍କୁ ଏପିଜେ ଅବଦୁଲ କଲାମ ପୁରସ୍କାର

**ଭୁବନେଶ୍ୱର,(ବ୍ୟୁରୋ)୨୪।୮:** ସ୍ଥାନୀୟ ଜୟଦେବ ଭବନଠାରେ ଇଣ୍ଡିଆନ ବିୟୁଟିସିଆନ ୱେଲଫେୟାର ଆସୋସିଏଶନ ଏବଂ ହାପି ଇଣ୍ଡିଆ ମୋମେଣ୍ଟ୍ସ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଗୁରୁ ରୁବି ହାତୀ ଏବଂ ତାଙ୍କ ଅନୁଷ୍ଠାନ ଗୀତାଞ୍ଜଳି ପୂର୍ଣ୍ଣ ନୃତ୍ୟାୟନକୁ ଡକ୍ଟର ଏପିଜେ ଅବଦୁଲ କଲାମ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍ପି ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସଙ୍ଗୀତ ନୃତ୍ୟଭିତ୍ତିକ ପ୍ରତିଯୋଗିତା 'ଯୋ ଜିତା ୱହି ସିକନ୍ଦର' ଆୟୋଜନ କରାଯାଇଥିଲା। ଶେଷରେ ଗୀତାଞ୍ଜଳି ପୂର୍ଣ୍ଣ ନୃତ୍ୟାୟନର ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେଳଧାରଣାରୁ ମୃତଦେହ ଜବତ

ବାରଙ୍ଗ,୨୪।୮(ଡି.ଏନ୍.ଏ.)

ପଟିଆ ରେଳ ଷ୍ଟେଶନ ନିକଟ ରେଳ ଧାରଣାରୁ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି ରେଲୱେ ପୋଲିସ। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ ପୂର୍ବାହ୍ନ ୧୧ଟାରେ ଉକ୍ତ ଷ୍ଟେଶନ ନିକଟରେ ସ୍ଥାନୀୟ ଲୋକେ ଯିବାବେଳେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ। ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତବ୍ୟକ୍ତି ଜଣକ ଗୋଟେ ନାଲି ରଙ୍ଗର ଟି-ଶାର୍ଟ, ଭିତରେ ନୀଳ ରଙ୍ଗର ଗଞ୍ଜି ଓ ଏକ ଟ୍ରାକ ପ୍ୟାଣ୍ଟ ପିନ୍ଧିଛନ୍ତି। ଜବତବେଳକୁ ତାଙ୍କ ହାତ ଗୋଡ଼ ବଙ୍କା ହୋଇରହିଥିଲା। ତାଙ୍କ ନିକଟରୁ କିଛି ଜିନିଷ, ଟଙ୍କା ପଇସା କି ପରିଚୟ ପତ୍ର ମିଳି ନାହିଁ। ମୃତ ବ୍ୟକ୍ତିର ବୟସ ଆନୁମାନିକ ୪୦ରୁ୪୫ ବର୍ଷ ହେବ। ଟ୍ରେନରେ ଯାତ୍ରା କରିଲାବେଳେ ସେ ଖସିପଡ଼ିଥିବା ପୋଲିସ ଅନୁମାନ କରୁଛି।

# ନୃତ୍ୟ ମାଧ୍ୟମରେ ସଂଯୁକ୍ତାଙ୍କୁ ଶ୍ରଦ୍ଧାଞ୍ଜଳି



ପ୍ରତିଭା ପଣ୍ଡା ଓ ଗ୍ରୁପ୍ ନୃତ୍ୟ ପରିବେଷଣ କରୁଛନ୍ତି।



ସୁଜାତା ମହାପାତ୍ରଙ୍କ ନୃତ୍ୟାଭିନୟ।

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ୱର୍ଗତ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୭୮ତମ ଜୟନ୍ତୀ ବୁଧବାର ରବୀନ୍ଦ୍ର ମଣ୍ଡପରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସଙ୍ଗୀତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ପୂର୍ବତନ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା, ନରେନ୍ଦ୍ର ମିଶ୍ର ଓ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଯୋଗଦେଇଥିଲେ। ସଂଯୁକ୍ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ ପ୍ରଥମ ଚରଣରେ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଗୁରୁ କେଳୁଚରଣ ମହାପାତ୍ରଙ୍କ ସଂଯୋଜିତ ଯୁଗ୍ମଦ୍ୱନ୍ଦ୍ୱ ପଲ୍ଲବୀ ପରିବେଷଣ କରିଥିଲେ। ପରେ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସଙ୍ଗୀତ ସଂଯୋଜିତ ଓ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂଯୋଜିତ 'ବର୍ଷା' ପରିବେଷଣ ହୋଇଥିଲା। ଦ୍ୱିତୀୟ ଚରଣରେ ଶୁଭଶ୍ରୀ ପଟ୍ଟନାୟକ ଓ ନୃତ୍ୟଧାମ ଅନୁଷ୍ଠାନର ଶିଳ୍ପୀ ନୃତ୍ୟାଭିନୟରେ ଦଶମହାବିଦ୍ୟା ପରଷିଥିଲେ। ରାଗ-ରାଗମାଳିକା ଓ ତାଳ-ତାଳ ମାଳିକା ଆଧାରରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନୃତ୍ୟ ସଂଯୋଜନାକୁ ଶିଳ୍ପୀଗଣ ପ୍ରସ୍ତୁତ କରିଥିଲେ। ପରେ ଗୁରୁ ପ୍ରତିଭା ପଣ୍ଡା ଓ ନୃତ୍ୟପ୍ରତିଭାର ଶିଳ୍ପୀମାନେ ପଞ୍ଚଭୂତ ପରିବେଷଣ କରିଥିଲେ। ଶେଷରେ ଗୁରୁ ଅଶୋକ ଘୋଷାଲ ଓ ନୃତ୍ୟଶାଳାର ଶିଳ୍ପୀଙ୍କ ଅଭିନୀତ ନୃତ୍ୟନାଟିକା ଶ୍ରୀଜୟଦେବ ପରିବେଷଣ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଫାଉଣ୍ଡେଶନ ଟ୍ରଷ୍ଟି ପାର୍ଥସାରଥୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ସବ୍ୟସାଚୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ସାମନ୍ତରାପୁର ଛକ-ଲିଙ୍ଗରାଜ ମନ୍ଦିର ରାସ୍ତା ମରଣଯନ୍ତା

### ଉପଜିଲାପାଳଙ୍କୁ ଅଭିଯୋଗ

ପୁରୁଣା ଭୁବନେଶ୍ୱର, ୨୪।୮(ଡି.ଏନ୍.ଏ.)

ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ସାମନ୍ତରାପୁର ଛକ – ଶ୍ରୀଲିଙ୍ଗରାଜ ମନ୍ଦିର ରାସ୍ତା ପାଲଟିଛି ମରଣଯନ୍ତା। ରାସ୍ତାରେ ଖାଲଖମା ଯୋଗୁ ପ୍ରତ୍ୟେହ ଛୋଟବଡ଼ ଦୁର୍ଘଟଣା ହେଉଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ମରାମତି କରିବା ସହ ଯାନବାହନ ଚଳାଚଳ ପାଇଁ ରାସ୍ତାଟିକୁ ସ୍ୱାଭାବିକ କରିବାକୁ ବୁଧବାର ଏକାମ୍ର ଜନଜାଗରଣ ମଞ୍ଚ ଭୁବନେଶ୍ୱର ଉପଜିଲାପାଳଙ୍କ ନିକଟରେ ଦାବି କରିଛି। ନଚେତ୍ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚର ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି। ୫୯ନଂ ୱାର୍ଡ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର କୁହନ୍ତି, ସ୍ୱରେଜ କାର୍ଯ୍ୟ ପାଇଁ ୬ମାସ ପୂର୍ବେ ରାସ୍ତାଟିକୁ ଖୋଳାଯାଇଥିଲା। ମେଟାଲିକ୍ ପୂର୍ବରୁ ବର୍ଷା ଆସିଥିଲା। ଏହା ଆରଏଣ୍ଡବି ର କାର୍ଯ୍ୟ। ବର୍ଷା ଦିନ ପରେ ଖୁବ୍‌ଶୀଘ୍ର ଏହି ରାସ୍ତା ମରାମତି କରାଯିବ ବୋଲି ସେ କହିଛନ୍ତି।

## ଏଥର ଗଣେଶ ପୂଜାରେ ସାମିଲ ହେବେ ଶ୍ରଦ୍ଧାଳୁ

### ମାସ୍କ, ସାନିଟାଇଜର ବ୍ୟବହାର ପାଇଁ ବିଏମ୍‌ସି କମିଶନରଙ୍କ ଅପିଲ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ଦୀର୍ଘ ୨ବର୍ଷର କୋଭିଡ୍ କଟକଣା ହଟିବା ପରେ ଚଳିତ ବର୍ଷ ରାଜଧାନୀ ଭୁବନେଶ୍ୱରରେ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ହେବାକୁ ଯାଉଛି। ପ୍ରାୟ ୫୦ଟି ପୂଜା କମିଟି ପକ୍ଷରୁ ସହରରେ ଆକର୍ଷଣୀୟ ଢଙ୍ଗରେ ପୂଜା କରାଯିବାକୁ ଆୟୋଜନ ଚାଲିଛି। ଭକ୍ତଙ୍କୁ ନେଇ ଏଥର ପୂଜା ହେବ। ଚଳିତ ବର୍ଷ ଶତାଧିକ ଲୋକଙ୍କୁ ନେଇ ଗଣେଶ ପୂଜା ହୋଇପାରିବ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭକ୍ତ ଏଥର ଠାକୁରଙ୍କୁ ପରଦା ଆଢୁଆଳରେ ନୁହେଁ ବରଂ ସିଧାସଳଖ ଦର୍ଶନ କରିପାରିବେ। କୋଭିଡ୍ କଟକଣା ଉଠିଥିଲେ ମଧ୍ୟ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ମୂର୍ତ୍ତି ବିସର୍ଜନ ପାଇଁ କୁଆଖାଇ ଓ ଦୟା ନଦୀ କୂଳରେ ୨ଟି ଅସ୍ଥାୟୀ ପୋଖରୀ ହୋଇଛି। ସେଥିରେ ସମସ୍ତ ମୂର୍ତ୍ତି ବିସର୍ଜନ ସହ ପୂଜାରେ ବ୍ୟବହାର ହେଉଥିବା ସାମଗ୍ରୀ ପକାଇବାକୁ ବିଏମ୍‌ସି କମିଶନର ଅନୁରୋଧ କରିଛନ୍ତି।



ଜଣେ ଶିଳ୍ପୀ ଗଣେଶ ମୂର୍ତ୍ତି ନିର୍ମାଣ କରୁଛନ୍ତି।

# ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ, ୪ ଗିରଫ

ବାଲକାଟୀ,୨୪।୮(ଡି.ଏନ୍.ଏ.)

ବାଲିଅନ୍ତା ଥାନା ପୋଲିସ ବାଲକାଟୀ ଫାଣ୍ଡି ଅଂଚଳରେ ହୋଇଥିବା ୪ଟି ଚୋରି ଘଟଣାରେ ବୁଧବାର ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କବାଡି ଦୋକାନୀ କେଦାର ନନ୍ଦୀ,ବାଲକାଟୀ ବଡ ଭୋଇ ସାହିର ଚନ୍ଦନ ଭୋଇ (୩୦), ମକରା ଭୋଇ ଓ ଭୀମସେନ ଭୋଇ (୨୬)। ଏଥିସହ ପୋଲିସ ଅଭିଯୁକ୍ତଙ୍କଠାରୁ ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀ, ଗ୍ରୀଲ, କବାଟ, ଗ୍ୟାସ ସିଲିଣ୍ଡର ଜବତ କରିଥିଲେ। ଗତ ୧୮ତାରିଖ ବିଳମ୍ବିତ ରାତିରେ ଫାଣ୍ଡି ନିକଟ ଜଗନ୍ନାଥ କଲୋନୀରେ ରହୁଥିବା ପିତାମ୍ବର ପଣ୍ଡା, ଉର୍ମିଳା କୁଣ୍ଡୁ, ତପନ ମହାପାତ୍ର ଓ ଅଭିଜିତ ସ୍ୱାଇଁଙ୍କ ଘରୁ ଦୁଇଟି ସାଇକେଲ, ଗ୍ୟାସ ଚୁଲା, ସିଲିଣ୍ଡର, ଲୁହାଗେଟ୍ ଚୋରି ହୋଇଥିଲା। ଏ ସମ୍ପର୍କରେ ଚାରିଜଣଯାକ ବାଲକାଟୀ ଫାଣ୍ଡିରେ ଅଭିଯୋଗ କରିଥିଲେ. ପୋଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ରଥିଜେମା ଭଗବତୀ ମନ୍ଦିର ସମ୍ମୁଖରେ ଥିବା କେଦାର ନନ୍ଦୀଙ୍କ କବାଡି ଦୋକାନରେ ଚଢ଼ାଉ କରି ଚୋରି ଯାଇଥିବା ଲୁହାଗେଟ୍‌ର ସନ୍ଧାନ ପାଇଥିଲା। କବାଡି ଦୋକାନୀ କେଦାରଙ୍କୁ ପୋଲିସ ପଚାର ଉଚରା କରିବା ପରେ ଚନ୍ଦନ, ମକରା ଓ ଭୀମକୁ ପୋଲିସ ଏହି ଘଟଣାରେ ସମ୍ପୃକ୍ତି ଥିବା ଜାଣିବା ପରେ ଗିରଫ କରିଥିଲା। ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଗତ ୨୧ତାରିଖରେ କବାଡି ଦୋକାନରେ ଚଢ଼ାଉ କରି ପଚରାଉଚରା କରି ଏକ ମାମଲା (ନଂ.୩୨୧/୨୨)ରୁଜୁ କରିଛନ୍ତି।

# ପାପଡ଼ାହାଣ୍ଡି ଗୁଳିକାଣ୍ଡ ନେଇ ଅଧିକ ଗବେଷଣା ଆବଶ୍ୟକ

## ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ

ଭୁବନେଶ୍ୱର,୨୪।୮(ବ୍ୟୁରୋ)




ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶାବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ବୁଧବାର ସୂଚନା ଭବନରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ ପାଳିତ ହୋଇଯାଇଛି। ଏଥିରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମ ସମୟରେ ନବରଙ୍ଗପୁରର ପାପଡ଼ାହାଣ୍ଡିଠାରେ ବ୍ରିଟିଶ ପୋଲିସଙ୍କ ଗୁଳିରେ ୧୯ ଜଣ ନୁହେଁ ବରଂ ଅଧିକ ସଂଗ୍ରାମୀ ପ୍ରାଣ ହରାଇଥିଲେ। ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ମୁଖ୍ୟବକ୍ତା ଭାବେ ସମ୍ବାଦର ବାର୍ତ୍ତା ସମ୍ପାଦକ ଅରବିନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡ. ଲେନିନ୍ ମହାନ୍ତି, ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ ଏବଂ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଯୋଗଦେଇ ପାପଡ଼ାହାଣ୍ଡି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଶାବରୀ ସାଂସ୍କୃତିକ ସଂସଦର ଉପସଭାପତି ଗୌରଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାକିରିଗୁମାର କଳାକାରଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।




ଜୟଦେବ ଭବନଠାରେ ଇଣ୍ଡିଆନ ବିୟୁଟିସିଆନ ୱେଲଫେୟାର ଆସୋସିଏଶନ ଏବଂ ହାପି ଇଣ୍ଡିଆ ମୋମେଣ୍ଟ୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଓଡ଼ିଶୀ ନୃତ୍ୟ ଗୁରୁ ରୁବି ହାତୀ ଏବଂ କଳାକାରମାନେ।



ରାଜ୍ୟସ୍ତରୀୟ ଡ.ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ପକ୍ଷରୁ ଗୁଆଝରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟମାନେ ନଭେମ୍ବର ୨୧ରେ ମହତାବଙ୍କ ଜୟନ୍ତୀ ପାଳନ ସମ୍ପର୍କରେ ସୂଚନା ଦେଉଛନ୍ତି।

# କଟକର ଗରିମା ତୁଳସୀପୁର

## ଓଡ଼ିଶାକୁ ଦେଇଛି ଆନ୍ତର୍ଜାତିକ ଖ୍ୟାତି

କଟକ ଅଫିସ,୨୪।୮: ପ୍ରାଚୀନ କଟକ ସହରର ପ୍ରମୁଖ ପରିଚିତି ପୂର୍ବାଞ୍ଚଳର ତୁଳସୀପୁର। ସାମାଜିକ, ଅର୍ଥନୈତିକ, ନ୍ୟାୟିକ, ଆଧ୍ୟାତ୍ମିକ, ରାଜନୈତିକ, ସାଂସ୍କୃତିକ, ଶୈକ୍ଷିକ ଆଦି ବିଭିନ୍ନ ଦିଗକୁ ଅବଲୋକନ କଲେ କଟକର ଗାରିମାକୁ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଉଜ୍ଜ୍ୱଳ କରିଛି ଏହି ତୁଳସୀପୁର। ମହାନଦୀକୁ ଲାଗି ଏହାର ଅବସ୍ଥିତି ଏକ ସବୁଜିମାଭରା ଶାନ୍ତ, ସୁନ୍ଦର ପରିବେଶ ସୃଷ୍ଟି କରିଛି। ଏଥିସହ କଟକର ନାନା ସମ୍ପ୍ରଦାୟ ମଧ୍ୟରେ ରହିଥିବା ଭାଇଚାରା ଏଠାରେ ବେଶ୍ ସୁସ୍ପଷ୍ଟ। ବିଚାରପତି, ରାଜନେତା, କଳାକାର, ସାହିତ୍ୟିକ, ଶିକ୍ଷାବିତ୍, ଆଇନ୍‌ଜୀବୀ, ବ୍ୟବସାୟୀ, ସାମ୍ବାଦିକ ଆଦି ବିଭିନ୍ନ ବର୍ଗର ଲୋକଙ୍କ ସହାବସ୍ଥାନ ତୁଳସୀପୁରକୁ ଦେଇଛି ଅନନ୍ୟ ପରିଚୟ। ସେହିପରି ଏଠାରେ ଅବସ୍ଥିତ ପ୍ରବାଦପୁରୁଷ ବିଜୁବାବୁଙ୍କ ଜନ୍ମସ୍ଥାନ ଆନନ୍ଦଭବନ, ମଧୁବାବୁଙ୍କ ସମାଧିପୀଠ ଗୋରାକବର, ସାରସ୍ୱତ ପୀଠ ସାରଳା ଭବନ, ହରିଣପାର୍କ ଆଦି ଆକର୍ଷଣର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଛି। ସମୟକ୍ରମେ ତୁଳସୀପୁରର ଭୌଗୋଳିକ ଅବସ୍ଥାରେ ସେତେଟା ପରିବର୍ତ୍ତନ ହୋଇ ନ ଥିଲେ ସୁଦ୍ଧା ବହୁ ଘରଦ୍ୱାର, ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ି ଉଠିଛି। ଏପରି କି ଜନବସତି ବଢ଼ିବାରେ ମଧ୍ୟ ଲାଗିଛି। ଲୋକଙ୍କୁ ଉନ୍ନତମାନର ରାସ୍ତାଘାଟ, ଡ୍ରେନ୍ ଏବଂ ପାନୀୟ ଜଳ ଯୋଗାଇଦେବା ଉପରେ ପୌର ପ୍ରଶାସନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସତ୍ତ୍ୱେ ଆହୁରି ସୁବିଧାର ଆବଶ୍ୟକ ରହିଥିବା ଅଞ୍ଚଳବାସୀ ମତ ଦେଇଛନ୍ତି।



### ଆନନ୍ଦଭବନ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ୧୯୧୬ ମାର୍ଚ୍ଚ ୫ରେ ତୁଳସୀପୁରରେ ଜନ୍ମଲାଭ କରିଥିଲେ। ବିଜୁବାବୁଙ୍କ ପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ପରିବାର ପକ୍ଷରୁ ଆନନ୍ଦଭବନକୁ ସରକାରଙ୍କ ହାତକୁ ଟେକି ଦିଆଯିବା ପରେ ଏହା ନୂତନ ରୂପ ପାଇ ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ର ଭାବରେ ପରିଚିତି ଲାଭ କରିଛି। ୨୦୧୮ ମାର୍ଚ୍ଚ ୧୭ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହାକୁ ଲୋକାର୍ପଣ କରିଥିଲେ। ଏଠାରେ ବିଜୁବାବୁଙ୍କ ପାରିବାରିକ, ରାଜନୈତିକ ଜୀବନ ସମ୍ପର୍କିତ ଫଟୋଚିତ୍ର, ବ୍ୟବହାର କରୁଥିବା ପୋଷାକ, ଆସବାବପତ୍ର, ଜନ୍ମ କୁଣ୍ଡଳୀ, ହସ୍ତାକ୍ଷର ଆଦିକୁ ୬ଟି ଗ୍ୟାଲେରିରେ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶିତ କରାଯାଇଛି। ଏକ ରାଜନୈତିକ ପୃଷ୍ଠଭୂମିର ଫଟୋଚିତ୍ରଟିଏ ଯେଉଁଥିରେ ବିଜୁବାବୁଙ୍କ ସହ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଅଛନ୍ତି, ତାହା ଝଡ଼ର ଇଗଲ ଓ ମାଟିର ନନ୍ଦିନୀ ଲେଖାର ସାର୍ଥକତାକୁ ପର୍ଯ୍ୟଟକଙ୍କ ଆଗରେ ପ୍ରତିପାଦିତ କରୁଛି।




### ମଧୁସୂଦନ ପାଠାଗାର

ସ୍ଥାନୀୟ ଅଧିବାସୀଙ୍କ ଉଦ୍ୟମରେ ପ୍ରଥମ ପାଠାଗାର ଭାବେ ୧୯୮୩ରେ ସ୍ଥାପିତ ହୋଇଥିଲା ମଧୁସୂଦନ ପାଠାଗାର। ମଧୁସୂଦନ ନଗର ଉନ୍ନୟନ ସମିତି ଦ୍ୱାରା ପାଠାଗାର ପରିଚାଳିତ। ପ୍ରାୟ ୪୦ ଜଣ ବସି ପଢ଼ି ପାରିବାର ବ୍ୟବସ୍ଥା ଏଠାରେ ରହିଛି।



### ମଧୁବାବୁଙ୍କ ସମାଧିପୀଠ ଗୋରାକବର

ଓଡ଼ିଆ ଜାତିର ଅସ୍ମିତା ମଧୁ ବାରିଷ୍ଟରଙ୍କ ସମାଧିପୀଠ ଗୋରାକବର ଅନ୍ୟତମ ଆକର୍ଷଣ ତୁଳସୀପୁରର। ରାଜ୍ୟ ସରକାର ଏହି ପୀଠକୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇଆସିଥିଲେ ବି ସାଧାରଣ ଶ୍ମଶାନଠାରୁ ଏହି ପୀଠକୁ ଅଲଗା କରି ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ମଧୁବାବୁଙ୍କୁ ଜୟନ୍ତୀ ଓ ଶ୍ରାଦ୍ଧରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାସୁମନ ଦେବାକୁ ସରକାରୀ ଓ ବେସରକାରୀ ଭାବେ ଏଠାରେ ବେଶ୍ ଭିଡ଼ ଜମିଥାଏ।

### ପ୍ରସନ୍ନମଣି ଜଗନ୍ନାଥଜୀଉ ମନ୍ଦିର

ମଠସାହିରେ ଅବସ୍ଥିତ ପ୍ରାୟ ୮୦ ବର୍ଷର ପୁରୁଣା ଏହି ମନ୍ଦିର। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏଠାରେ ପୂଜା ପାଆନ୍ତି। ବର୍ଷତମାମ ଠାକୁରଙ୍କ ବିଭିନ୍ନ ବେଶ ଓ ନୀତିକାନ୍ତି ସାଙ୍ଗକୁ ରଥଯାତ୍ରା, ସ୍ନାନପୂର୍ଣ୍ଣିମା, ଝୁଲଣ ଯାତ୍ରା, ଜନ୍ମାଷ୍ଟମୀ, ବିମଳାଙ୍କ ଷୋଳପୂଜା, କାର୍ତ୍ତିକ ମହୋତ୍ସବ, ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ପାଳିତ ହେଉଥିବା ଓ ଭାଇଚାରାର ନିଦର୍ଶନ ସ୍ୱରୂପ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଏ ବୋଲି ମନ୍ଦିର କମିଟି ଆବାହକ ପ୍ରଫୁଲ୍ଲ କୁମାର ବେହେରା କୁହନ୍ତି।



## ଏମାନେ କୁହନ୍ତି...



ମଧୁସୂଦନ ନଗର, ଗୋରାକବର, ହାଟୁଆସାହି, ବାଉରୀସାହି, ମଠସାହି ଆଦି ଅଞ୍ଚଳକୁ ନେଇ ତୁଳସୀପୁରର ପରିବ୍ୟାପ୍ତି। ଯାହା ଜଣାଯାଏ ଗଡ଼ଜାତ ରାଜାମାନଙ୍କ ଜମି, କୋଠା ଆଦି ବିକ୍ରି ହେବା ପରେ ଲୋକେ ସେସବୁର ମାଲିକାନା ପାଇଛନ୍ତି। ବିଶେଷ କରି ହିନ୍ଦୋଳ, ଢେଙ୍କାନାଳ, ତାଳଚେର ରାଜାମାନଙ୍କ କୋଠି ଏଠାରେ ଥିଲା।

**– ଜୟକୃଷ୍ଣ ଆଚାର୍ଯ୍ୟ, ଆବାହକ, ମଧୁସୂଦନ ପାଠାଗାର**



ଆମ ଅଞ୍ଚଳରେ କେଉଁ କାଳରୁ ଭାଇଚାରାକୁ ଆମେ ପ୍ରାଧାନ୍ୟ ଦେଇଆସିଛି। ଆମର ଇଷ୍ଟଦେବ ପ୍ରସନ୍ନମଣିଙ୍କ ବର୍ଷତମାମ ପର୍ବପର୍ବାଣି ସାଙ୍ଗକୁ ସାହିରେ ଆମେ ସବୁବେଳେ ହସଖୁସିରେ, ଶୃଙ୍ଖଳିତ ବାତାବରଣରେ ରହିବାକୁ ସର୍ବଦା ପସନ୍ଦ କରିଆସିଛୁ। ଆମର ପର୍ବପର୍ବାଣିରେ ସବୁବର୍ଗର ଲୋକଙ୍କୁ ଆମେ ସାମିଲ କରିଥାଉ।

**– ପ୍ରଫୁଲ୍ଲ ବେହେରା, ପ୍ରସନ୍ନମଣି ଜଗନ୍ନାଥଜୀଉ ମନ୍ଦିର କମିଟି, ମଠସାହି**



ଗୋରାକବର ଉନ୍ନତୀକରଣ, ହରିଣ ପାର୍କରୁ ଅଧିକ ହରିଣକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନିମନ୍ତେ ଉଦ୍ୟମ କରୁଛି। ମଧୁକୁଞ୍ଜ ପାର୍କରେ ମରାମତି କାର୍ଯ୍ୟ ଚାଲିଛି। ତୁଳସୀପୁର ଅଞ୍ଚଳରେ ଜାଇକା ଯନ୍ତ୍ରଣାଠାରୁ ଆରମ୍ଭ କରି ଡ୍ରେନ, ରାସ୍ତା ଆଦି ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ଦିଗରେ ସିଏମ୍‌ସି ନିକଟରେ ଦାବି ଉପସ୍ଥାପନ କରୁଛି। ନିର୍ବାଚନର ମାତ୍ର ୫ ମାସ ଅତିକ୍ରମ କରିଛି। ତେବେ ଲୋକଙ୍କ ସମସ୍ୟା ଓ ତୁଳସୀପୁରର ଉନ୍ନୟନକୁ ପ୍ରାଧାନ୍ୟ ଦେବାକୁ ଯୋଜନା ପ୍ରସ୍ତୁତ କରିଛି।

**–ଲକ୍ଷ୍ମୀପ୍ରିୟା ବେହେରା, ସ୍ଥାନୀୟ କର୍ପୋରେଟର**



ତୁଳସୀପୁରରେ ମଧୁବାବୁଙ୍କ ସ୍ମୃତିକୁ ଉଜ୍ଜ୍ୱଳ କରିବା ନିମନ୍ତେ ସବୁ ପ୍ରକାର ଚେଷ୍ଟା କରାଯାଉଛି। ସେଠାରେ ଥିବା ମଧୁକୁଞ୍ଜ ପାର୍କଭିତର ରାସ୍ତାକୁ କଂକ୍ରିଟ୍ କରାଯାଇଛି। ଗୋରାକବରରେ ଥିବା ମଧୁବାବୁଙ୍କ ସମାଧିପୀଠକୁ ଅଧିକ ଆକର୍ଷଣୀୟ କରି ଗଢ଼ି ତୋଳିବାକୁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଛି। ଏଥିସହ ହରିଣ ପାର୍କରେ ଅଳ୍ପ ସଂଖ୍ୟକ ହରିଣ ରଖି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପଦକ୍ଷେପ ନିଆଯାଇଛି।

**–ସୁବାସ ସିଂ, ମେୟର, କଟକ ମହାନଗର ନିଗମ**

### ଦୂରଦର୍ଶନର ସଞ୍ଚାରୀ କେନ୍ଦ୍ର



ଟିଭି ସେଣ୍ଟର ରୋଡ୍ ନାମରେ ପରିଚିତ ଏହି ଅଞ୍ଚଳର ପରିଚିତି ଦୂରଦର୍ଶନ କେନ୍ଦ୍ରକୁ ନେଇ। ଓଡ଼ିଶାରେ ପ୍ରଥମ କରି ୧୯୭୩ ରେ ଏଠାରେ ଆରମ୍ଭ ହୋଇଥିଲା ଦୂରଦର୍ଶନ ପ୍ରସାରଣ। ହେଲେ ପରବର୍ତ୍ତୀ ସମୟରେ ଭୁବନେଶ୍ୱରକୁ ଦୂରଦର୍ଶନ କେନ୍ଦ୍ର ଉଠିଯିବା ପରେ କେବଳ ସଞ୍ଚାରଣ କାର୍ଯ୍ୟ ଏଠାରୁ ହେଉଛି।

### ଓଡ଼ିଶାର ନାଁ ଉଜ୍ଜ୍ୱଳ କରିଥିବା ବରପୁତ୍ର

ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର ନାଁକୁ ଉଜ୍ଜ୍ୱଳ କରିଥିବା ବ୍ୟକ୍ତି ପ୍ରବାଦ ପୁରୁଷ ବିଜୁବାବୁଙ୍କ ପରେ ଆହୁରି ଅନେକ ତୁଳସୀପୁରର ନାଁକୁ ଉଜ୍ଜ୍ୱଳ କରିଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ର, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଗତିକୃଷ୍ଣ ମିଶ୍ର ହେଉଛନ୍ତି ତୁଳସୀପୁରର ବାସିନ୍ଦା। ଏମାନଙ୍କ ବ୍ୟତୀତ ଆହୁରି ଅନେକ ବ୍ୟକ୍ତିତ୍ୱ ଅତୀତ ତଥା ବର୍ତ୍ତମାନର ଅଛନ୍ତି ସେସବୁର ଲମ୍ବା ତାଲିକା ରହିଛି।

**–ରିପୋର୍ଟ: କାର୍ତ୍ତିକ ସାହୁ**

---

ସ୍କୁଲରେ ପିଲାଙ୍କୁ ବନ୍ଦୀ କରି ରଖିବା ଘଟଣା

# ତଦନ୍ତ ଆରମ୍ଭ କଲେ ଡିଇଓ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ଘାଟିକିଆସ୍ଥିତ ଏପିଜେ ପବ୍ଲିକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ୩୪ଜଣ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଫି' ବାକି ଥିବାରୁ ବନ୍ଦୀ କରି ରଖିବା ଘଟଣାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। ବୁଧବାର ଏ ନେଇ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଚିଠି ଲେଖାଯାଇଛି। ଏହି ଘଟଣା ସମ୍ପର୍କରେ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ଦିଗରେ କ'ଣ ପଦକ୍ଷେପ ନିଆଯାଇପାରିବ ସେ ଦିଗରେ ବିଚାର କରାଯିବ। ଏହି ନିର୍ଦ୍ଦେଶକୁ ଗୁରୁତ୍ୱର ସହ ନେବା ପାଇଁ ବିଭାଗ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ କୁହାଯାଇଛି। ଏହାପରେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ (ଡିଇଓ) ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ବିଭାଗର ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଏବଂ ମଣ୍ଡଳ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା ବୁଧବାର ସମ୍ପୃକ୍ତ ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି। ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀଛାତ୍ର, ଅଭିଯୋଗ ଆଣିଥିବା ଅଭିଭାବକ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସେମାନେ ପଚରାଉଚରା କରିଛନ୍ତି। ତଦନ୍ତ ପରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଇଓ କହିଛନ୍ତି। ତଦନ୍ତ ବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ କାର୍ଯ୍ୟରତ ଶିକ୍ଷକଙ୍କ ଯୋଗ୍ୟତା ଓ ସଂଖ୍ୟା, ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥା, ବକେୟା ସ୍କୁଲ ଫି', କର୍ମଚାରୀଙ୍କ ସଂଖ୍ୟା ଆଦିର ତଥ୍ୟ ନିଆଯାଇଛି। ସ୍କୁଲ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ସ୍କୁଲ କର୍ତ୍ତୃପକ୍ଷ ଏ ସମ୍ପର୍କିତ ଠିକ୍ ତଥ୍ୟ ଦେବାରେ ବିଫଳ ହୋଇଥିବା ଓଡ଼ିଶା ଅଭିଭାବକ ମହାସଂଘ ସହଅଧ୍ୟକ୍ଷ ଭୂମୋହନ ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି।

ସୂଚନାଯୋଗ୍ୟ, ସୋମବାର ଉକ୍ତ ସ୍କୁଲରେ ୩୪ଜଣ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଫି' ବାକି ଥିବାରୁ କର୍ତ୍ତୃପକ୍ଷ ଲାଇବ୍ରେରି ରୁମ୍‌ରେ ୫ଘଣ୍ଟା ବନ୍ଦୀ କରି ରଖିଥିଲେ। ପିଲାଙ୍କୁ ପାଣି ପିଇବାକୁ ଓ ଘର ଲୋକଙ୍କ ସହିତ କଥା ହେବାକୁ ଏପରିକି ପରିସ୍ରା କରିବାକୁ ଛଡ଼ାଯାଇ ନ ଥିଲା। ତୁମ ଅଭିଭାବକ ସ୍କୁଲ ଫି' ବାକି ରଖିଥିବାରୁ ତୁମମାନଙ୍କୁ ଏପରି ବନ୍ଦୀ କରି ରଖାଯାଇଥିବା ପିଲାଙ୍କୁ ଶିକ୍ଷକମାନେ କହିଥିଲେ। ପରେ ମଙ୍ଗଳବାର ଏହି ଘଟଣାକୁ ବିରୋଧ କରି ଅଭିଭାବକମାନେ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ ଏବଂ ଭରତପୁର ଥାନାରେ ଏତଲା ରୁଜୁ ହୋଇଥିଲା। ଏହାପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ତେବେ ସ୍କୁଲର ଏଭଳି ଘଟଣାକୁ ନେଇ ସବୁ ମହଲରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର ସହ ଅଧ୍ୟକ୍ଷଙ୍କୁ ଗିରଫ କରିବା ପାଇଁ ଅଭିଭାବକ ମହାସଂଘ ଦାବି କରିଛି।



ରାଜସ୍ଥାନ ନଗରୀ ପୀଠାଧୀଶ୍ୱର ଜଗଦ୍‌ଗୁରୁ ରାମାନୁଜ ଆଚାର୍ଯ୍ୟ ଶ୍ରୀ ବିଷ୍ଣୁ ପ୍ରାଣାଚାର୍ଯ୍ୟ ମହାରାଜ ଓ ଜ୍ଞାନପୀଠାଧୀଶ ଭେଙ୍କଟାଚାର୍ଯ୍ୟ ମହାରାଜ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ସୁଡାର ନୂତନ ପୋର୍ଟାଲ ଉଦ୍‌ଘାଟନ କଲେ ମନ୍ତ୍ରୀ

ଭୁବନେଶ୍ୱର,୨୪।୮(ବ୍ୟୁରୋ): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ବୁଧବାର ନଗର ଉନ୍ନୟନ ବିଭାଗ ଅଧୀନ ସହରାଞ୍ଚଳ ଉନ୍ନୟନ ସଂସ୍ଥା(ସୁଡା) ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସୁଡାର ନୂତନ ପୋର୍ଟାଲ ଉଦ୍‌ଘାଟନ କରିଛନ୍ତି। ସୁଡା ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା କହିଛନ୍ତି, ଉକ୍ତ ସଂସ୍ଥା ହେଉଛି ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ୨୦୧୫ରୁ ଆରମ୍ଭ ହୋଇଥିବା ଆହାର କେନ୍ଦ୍ର ବର୍ତ୍ତମାନ ୧୧୫ ପୌରାଞ୍ଚଳରେ ୧୬୭ କେନ୍ଦ୍ର ମାଧ୍ୟମରେ ଦୈନିକ ୧ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ୫ ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିରେ ୧୬୩ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ନିୟୋଜିତ ଅଛନ୍ତି। ସେମାନେ ୭୯.୮ କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ କରିଛନ୍ତି। ସେଥିପାଇଁ ସେମାନଙ୍କୁ ୮.୮୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ମୁକ୍ତା ଯୋଜନାରେ ୧୬ ହଜାରରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୫୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ୪୪,୫୦୦ ପ୍ରକଳ୍ପ ନିର୍ମାଣ କରିଛନ୍ତି। ୬ ଲକ୍ଷରୁ ଅଧିକ ଶ୍ରମିକ ଏହାଦ୍ୱାରା ଉପକୃତ ହୋଇଛନ୍ତି। ସାରଦା ଆହୁରି କହିଛନ୍ତି, ସାମାଜିକ ସଞ୍ଚାଳନ କ୍ଷେତ୍ରରେ ୩୫,୦୪୯ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧୨୮୫ ଏରିଆ ଲେଭଲ ଫଡେରେଶନ ଗଠନ ହୋଇପାରିଛି। ୧୧୪ ସହରାଞ୍ଚଳରେ ୧,୦୫,୪୮୧ ରାସ୍ତା ପାର୍ଶ୍ୱର ଉଠାଦୋକାନୀ (ଷ୍ଟ୍ରିଟ୍ ଭେଣ୍ଡର)ଙ୍କୁ ଚିହ୍ନଟକରି ୧୬,୦୫୮ ଜଣଙ୍କୁ ଆଇକାର୍ଡ ପ୍ରଦାନ କରାଯାଇଛି। ସହରାଞ୍ଚଳରେ ୪୪ ସହରୀ ବାସହୀନ ଗରିବ ଲୋକଙ୍କ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ଥିବାବେଳେ ଆଉ ୫ଟି ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବେଳେ ୨ ନିର୍ମାଣାଧୀନ ଥିବା ସାରଦା ସୂଚନା ଦେଇଛନ୍ତି।

# ବଡ଼ଠାକୁରଙ୍କ ପ୍ରଳମ୍ବାସୁର ବଧ ନୀତି ସମ୍ପନ୍ନ

ପୁରୀ ଅଫିସ,୨୪।୮

ଶ୍ରୀମନ୍ଦିରରେ ବୁଧବାର ବଡ଼ ଠାକୁର ବଳଭଦ୍ର ପ୍ରଳମ୍ବାସୁର ବଧ ବେଶରେ ସୁସଜ୍ଜିତ ହେବା ସହ ପ୍ରଳମ୍ବାସୁର ବଧ ନୀତି ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ବଡ଼ଠାକୁର ପ୍ରଳମ୍ବାସୁର ବଧ ବେଶ ହୋଇଥିଲେ। ପ୍ରଳମ୍ବାସୁର କାନ୍ଧରେ ଶ୍ରୀବଳଭଦ୍ର ବସିଥିଲେ। ଗୋଟିଏ ଭୁଜ ପ୍ରଳମ୍ବାସୁରର କାନ୍ଧ ଓ ଅନ୍ୟଟି ବାହୁ ଉପରେ ରହିଥିଲା। ବାମ ହସ୍ତରେ ବଡ଼ଠାକୁର ଶୋଲ ନିର୍ମିତ ପଦ୍ମ ଓ ଦକ୍ଷିଣ ହସ୍ତରେ ଅମୃତ ଲଡୁ ଧାରଣ କରିଥିଲେ। ପ୍ରଳମ୍ବାସୁର ବଧ ବେଶରେ ଜଗନ୍ନାଥ ଓ ସୁଭଦ୍ରା ସାଧାରଣ ବେଶ ହୋଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦଣ୍ଡାୟମାନ ଅବସ୍ଥାରେ ରହିବା ସହ ବାମହାତରେ ଅମୃତ ଲଡୁ ଓ ଦକ୍ଷିଣ ହସ୍ତରେ ସୁବର୍ଣ୍ଣ ପଦ୍ମ ଧାରଣ କରିଥିଲେ। ସନ୍ଧ୍ୟାଧୂପ ପରେ ନୀତି ନିମନ୍ତେ ରାମକୃଷ୍ଣ ଦକ୍ଷିଣଘରୁ ରତ୍ନବେଦିକୁ ବିଜେ ହେବା ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆଣି ଲାଗି କରାଯାଇଥିଲା। ପରେ ଦୁଇ ଠାକୁରଙ୍କୁ ଜଗମୋହନରେ ପଡ଼ିଥିବା ଖଟରେ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଦୋଳମଣ୍ଡପ ସାହିରୁ ପ୍ରଳମ୍ବାସୁର ବଧ



ଶ୍ରୀକୃଷ୍ଣ ଲୀଳା ନୀତି ଅବସରରେ ପ୍ରଳମ୍ବାସୁର, କୃଷ୍ଣ ଓ ବଳରାମ ବେଶଧାରୀମାନେ ନୀତି ସମ୍ପନ୍ନ ପାଇଁ ଶ୍ରୀମନ୍ଦିରକୁ ଯାଉଛନ୍ତି।

ନୀତି ଆଗତ ହୋଇଥିଲା। ଦୋଳମଣ୍ଡପ ସାହିରୁ ବାହାରିଥିବା ପ୍ରଳମ୍ବାସୁର ବେଶଧାରୀ ଜଗମୋହନକୁ ଯାଇଥିଲେ। ସେଠାରେ ବଳରାମ ଓ କୃଷ୍ଣ ବେଶଧାରୀ ଦୁଇ ବାଳକ ପ୍ରଳମ୍ବାସୁର ସହ ଯୁଦ୍ଧ କରିଥିଲେ। ବଳରାମଙ୍କ ମୁଷ୍ଟି ପ୍ରହାର ଦ୍ୱାରା ଅସୁର ବଧ ହୋଇଥିଲେ। ଏଭଳି ଭାବେ ପ୍ରଳମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଥିଲା। ପ୍ରଳମ୍ବାସୁର ଆଖ୍ୟାୟିକା ସମ୍ପର୍କରେ ଶ୍ରୀମଦଭାଗବତର ଦଶମ ସ୍କନ୍ଧରେ ବିସ୍ତୃତ ବର୍ଣ୍ଣନା ରହିଅଛି।

ଉକ୍ତ ବର୍ଣ୍ଣନା ଅନୁଯାୟୀ, ଦିନେ ଯମୁନା ନଦୀକୂଳରେ ଥିବା ବୃନ୍ଦାବନ ଭୂମିରେ ଶ୍ରୀବଳଭଦ୍ର ଓ ଶ୍ରୀକୃଷ୍ଣଙ୍କ ଗୋପାଳ ବାଳକ, ଗୋଇ ଓ ଗୋବତ୍ସାଙ୍କ ସହିତ ଖେଳୁ କରୁଥିଲେ। ସେହି ଖେଳ ସମୟରେ ଏକ ଯୁଦ୍ଧକାଳୀନ ଅଭିନୟ ସେମାନଙ୍କର ଖେଳର ବିଷୟବସ୍ତୁ ହୋଇଥିଲା। ଗୋପ ବାଳକଙ୍କ ସମେତ ଶ୍ରୀକୃଷ୍ଣ ଓ ବଳରାମଙ୍କର କ୍ରୀଡା ଦେଖି କଂସର ନିର୍ଦ୍ଦେଶକ୍ରମେ ପ୍ରଳମ୍ବାସୁର ସେମାନଙ୍କୁ ମାରିବ ବୋଲି ମନେ କରି ଖେଳି ମିଶିଯାଇଥିଲେ। ବାଳକମାନଙ୍କ ମଧ୍ୟରେ ଖେଳ ଆରମ୍ଭ ହୋଇଥିଲା। ଶ୍ରୀକୃଷ୍ଣ ଓ ବଳରାମଙ୍କୁ ରାଜା କରି ଅନ୍ୟ ସମସ୍ତ ଗୋପାଳ ପ୍ରଜା ହେଲେ। ଏହି ଖେଳରେ ବଳ କଷାକଷିର କାର୍ଯ୍ୟରହିଲା। ଯେ ଯୁଦ୍ଧରେ ହାରିବ, ସେ ବିଜେତାକୁ କନ୍ଧରେ ବସାଇ ନିକଟରେ ଥିବା ବଟବୃକ୍ଷ ତଳକୁ ବୋହିନେବ। ତପ୍ରେ ଛଦ୍ମବେଶୀ ପ୍ରଳମ୍ବାସୁର ସହିତ ବଳରାମଙ୍କର ଯୁଦ୍ଧ ହେଲା। ପ୍ରଳମ୍ବ ଏଥିରେ ହାରି, ବଳରାମଙ୍କୁ ସ୍କନ୍ଧରେ ବହନ କରି ନିର୍ଦ୍ଦିଷ୍ଟସ୍ଥଳକୁ ଯିବା ପରିବର୍ତ୍ତେ ଦ୍ରୁତ ଗତିରେ ଆକାଶମାର୍ଗରେ ଗତିକଲା। ବଳରାମ କଳାମେଘରେ ବିଜୁଳି ସମ ଶୋଭା ପାଇଲେ। ପ୍ରଭୁ ବଳରାମ ମାୟାବୀ ଅସୁରକୁ ଚିହ୍ନି ତାହାର ମୁଣ୍ଡ ଉପରେ ବଜ୍ର ସମ ଏକ ମୁଷ୍ଟି ପ୍ରହାର କଲେ। ତାହାର ମୁଣ୍ଡ ଶତ ଖଣ୍ଡ ହେଲା ଓ ଗୋବର୍ଦ୍ଧନ ପର୍ବତ ନିକଟରେ ତାହାର ମୃତ୍ୟୁ ଘଟିଲା। ସେହି ଘଟଣାର ସ୍ମାରକୀକୁ ଅବଲମ୍ବନ କରି ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହେଉଥିବା ଜଣାଯାଏ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୫ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଫେବ୍ରିକେଶନ ପ୍ରଶିକ୍ଷଣ ଶିବିର



ଜଟଣୀ,୨୪।୮(ଡି.ଏନ୍.ଏ.): ଜଟଣୀ ରାମଚନ୍ଦ୍ରପୁରସ୍ଥିତ ଶ୍ରୀଗଣେଶ କନଭେସନ ହଲ ପରିସରରେ ବୁଧବାର ଏକ ଫେବ୍ରିକେଶନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁରସ୍ଥିତ ଜିନ୍ଦଲ ଗ୍ରୁପର ଷ୍ଟେନଲେସ ଷ୍ଟିଲ ନିର୍ମାତା କମ୍ପାନୀ ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପିଓର ଷ୍ଟିଲ ଫେବ୍ରିକେଶନ କମ୍ପାନୀ ଦ୍ୱାରା ଆୟୋଜିତ ଶିବିରରେ ଜେଏସଏଲ ଷ୍ଟିଲ ଓଡ଼ିଶା ମୁଖ୍ୟ ମନୀଷ କୁମାର ଏବଂ କମ୍ପାନୀର ବ୍ୟବସାୟିକ ମୁଖ୍ୟ ହେପି ଲମ୍ବା, ବିରଜା ନୟନ ଦାସ, ଶିଶିର ରାଠି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଫେବ୍ରିକେଟର ଏବଂ ଷ୍ଟିଲନେସ ଷ୍ଟିଲ ବିକ୍ରେତାଙ୍କୁ ବିଭିନ୍ନ ଷ୍ଟିଲନେସ ଷ୍ଟିଲ ଉପକରଣ ଏବଂ ବସ୍ତୁର ବ୍ୟବହାର, ଉପାଦେୟତା ସମ୍ପର୍କରେ କହିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପିଓର ଷ୍ଟିଲ ଫେବ୍ରିକେଶନ ଯାଁଳାର ମୁଖ୍ୟ ଚେତାରାମ ଗୁଜରବାସିଆଙ୍କ ସହିତ ଅନୁପ ରାୟ, ଅମିତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଜଟଣୀ ବ୍ୟବସାୟିକ କ୍ଷେତ୍ରର ୫୦ରୁ ଉର୍ଦ୍ଧ୍ୱ ଫେବ୍ରିକେଟର ଯୋଗ ଦେଇଥିଲେ।

### ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ସଞ୍ଚାଳକ ବୈଠକ

ଟାଙ୍ଗୀ(ଖୋର୍ଦ୍ଧା),୨୪।୮(ଡି.ଏନ୍.ଏ.): ଭୁଷଣ୍ଡପୁରସ୍ଥିତ ମା'ଉଗ୍ରତାରାଙ୍କ ପୀଠରେ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ସଂଚାଳକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ଧରି ଗ୍ରାହକ ସେବା କେନ୍ଦ୍ର ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଛି। କରୋନା ସମୟରେ ଏହି ସେବା କେନ୍ଦ୍ର ଗୁଡିକ ବ୍ୟାଙ୍କ ଶାଖା ଗୁଡ଼ିକର ଗ୍ରାହକଙ୍କ ଭିଡ଼କୁ କମାଇବାରେ ସାହାଯ୍ୟ କରିଥିଲା। ବୈଠକରେ ଚାନ୍ଦପୁର, କମାଗୁରୁ, ଛଣଗିରି ଷ୍ଟେଟ ବ୍ୟାଙ୍କ ଅନ୍ତର୍ଗତ ସମସ୍ତ ସେବାକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିପାଟପୁର ସେବାକେନ୍ଦ୍ରର ସଞ୍ଚାଳକ ପ୍ରଦୀପ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଭାରତୀ ପାତ୍ର, ସୁବ୍ରତ ପଟ୍ଟନାୟକ, ନାରାୟଣ ପ୍ରଧାନ, ଜ୍ଞାନ ରଞ୍ଜନ ଦାଶ, ଭାଗୀରଥି ବେହେରା, ବୀରେନ ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ଲକ୍ଷ୍ମୀ ପ୍ରିୟା ସାହୁ, ଭକ୍ତ ଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଓଭରବ୍ରିଜ୍ ଜାଗା ଚିହ୍ନଟ ପାଇଁ ଯନ୍ତ୍ରୀଙ୍କ ପରିଦର୍ଶନ

ନିରାକାରପୁର,୨୪।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ରେଲୱେ ଲେଭଲକ୍ରସିଂରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଜାଗା ଚିହ୍ନଟ ସରିଛି। ତେବେ ବୁଧବାର ରେଳ ବିଭାଗର କେତେଜଣ ଯନ୍ତ୍ରୀ ଏବଂ ଅଧିକାରୀ ଉକ୍ତ ଲେଭଲକ୍ରସିଂ ନିକଟରେ ନକ୍ସା ଧରି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ(ଆର୍ଆଇ)ଙ୍କୁ ଚିହ୍ନଟ ହୋଇଥିବା ଜାଗାକୁ ଦେଖାଇବା ପାଇଁ କହିଥିଲେ। ଏଠାକୁ ନୂଆ ଆସିଛି, ଆଉଥରେ ମାପ ହେଲେ ଚିହ୍ନଟ ଜାଗା ଦେଖାଇପାରିବି ବୋଲି ଆର୍ଆଇ ରମାକାନ୍ତ ନାୟକ କହିଥିଲେ। ଏହାପରେ ରେଲୱ୍ୱ ଯନ୍ତ୍ରୀ ଓ ଅଧିକାରୀମାନେ ଫେରିଯାଇଥିଲେ।

# ୧୦,୯୬୨ ହେକ୍ଟର ଫସଲ ନଷ୍ଟ

ଖୋର୍ଦ୍ଧା ଅଫିସ,୨୪।୮



ଜଣେ ଚାଷୀ ନଷ୍ଟ ହୋଇଥିବା ଧାନତଳି ଦେଖାଉଛନ୍ତି।

ଖୋର୍ଦ୍ଧା ବ୍ଲକର ନରଣଗଡ଼, ଓରବରସିଂ, ବ୍ରଜମୋହନପୁର ପଞ୍ଚାୟତର ୧୭ ଗାଁ ଏବେ ବି ବନ୍ୟାପାଣି ଘେରରେ ରହିଛି। ଜଳସ୍ତର କମୁଛି ହେଲେ ଲୋକଙ୍କ ଦୁର୍ଦ୍ଦଶା ଥମୁନି। ଏକର ଏକର ଚାଷଜମି ବୁଡ଼ି ରହିଛି। ମୌସୁମୀ ପ୍ରବେଶରେ ବିଳମ୍ବ, ସ୍ୱଳ୍ପବୃଷ୍ଟି, ଲଘୁଚାପ ବର୍ଷା ପରେ ବନ୍ୟାପାଣି ଚାଷୀଙ୍କୁ ଚିନ୍ତା ଘାରିଛି। ହଜାର ହଜାର ହେକ୍ଟର ଜମିରେ ବନ୍ୟାଜଳ ମାଡ଼ି ଧାନ ଫସଲ ଉଜୁଡିଯାଇଛି। ଗତବର୍ଷ ମଧ୍ୟ ଏହି ସମୟରେ ଚାଷୀ ଲଘୁଚାପ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚଳିତବର୍ଷ ସମାନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବୁଧବାର ସୁଦ୍ଧା ହୋଇଥିବା ବର୍ଷାରେ ଜିଲା କୃଷି ବିଭାଗ ଆକଳନ ଅନୁସାରେ ଜିଲାର ୧୦ଟି ବ୍ଲକର ୮୨ ପଞ୍ଚାୟତର ୨୪୩ ଗାଁର ପ୍ରାୟ ୧୦ହଜାର ୯୬୨ ହେକ୍ଟର ଫସଲ ନଷ୍ଟ ହୋଇଛି। ସେଥିରେ ୧୦,୬୫୦ ହେକ୍ଟର ଧାନ ଏବଂ ୩୧୨ ହେକ୍ଟର ଅଣଧାନ (ପନିପରିବା) ରହିଛି।

ଖୋର୍ଦ୍ଧା ବ୍ଲକ ୧୨ ପଞ୍ଚାୟତର ୪୨ ଗ୍ରାମର ୨୨୬୮ ହେକ୍ଟର ଧାନ ଏବଂ ୪୦ ହେକ୍ଟର ପନିପରିବା ନଷ୍ଟ ହୋଇଛି। ସେହିପରି ବେଗୁନିଆ ବ୍ଲକ ୨୧ ପଞ୍ଚାୟତର ୪୫ ଗାଁର ୧୭୩୧ ହେକ୍ଟର ଧାନ, ବୋଲଗଡ଼ ବ୍ଲକ ଗୋଟିଏ ପଞ୍ଚାୟତର ୩ ଗାଁର ୭ ହେକ୍ଟର, ଟାଙ୍ଗୀ ବ୍ଲକ ୬ ପଞ୍ଚାୟତର ୨୪ଟି ଗ୍ରାମର ୬୬୫ ହେକ୍ଟର ଧାନ ଓ ୫୦ ହେକ୍ଟର ପରିବା, ବାଣପୁର ବ୍ଲକ ଗୋଟିଏ ପଞ୍ଚାୟତର ୪ ଗ୍ରାମର ୧୬ ହେକ୍ଟର ଧାନ, ଭୁବନେଶ୍ୱର ବ୍ଲକର ୬ଟି ପଞ୍ଚାୟତର ୨୧ ଗାଁର ୮୪୪ ହେକ୍ଟର ଧାନ ଓ ୪୯ ହେକ୍ଟର ପରିବା, ଜଟଣୀ ବ୍ଲକ ୬ ପଞ୍ଚାୟତର ୩୪ଟି ଗାଁର ୧୫ଶହ ହେକ୍ଟର ଧାନ, ବାଲିଅନ୍ତା ବ୍ଲକ ୧୬ ପଞ୍ଚାୟତର ୨୮ ଗାଁର ୧୪୦୨ ହେକ୍ଟର ଧାନ ଓ ୨୭ ହେକ୍ଟର ପରିବା କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାଲିପାଟଣା ବ୍ଲକ ୧୩ ପଞ୍ଚାୟତର ୪୨ ଗାଁର ୨୨୧୭ ହେକ୍ଟର ଧାନ ଓ ୧୪୬ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଆଗାମୀ ୨୭ରୁ ୩୦ ତାରିଖ ମଧ୍ୟରେ ରାଜସ୍ୱ, କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଯୁଗ୍ମ ଭାବେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟର ସହକାରୀ କୃଷି ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ କହିଛନ୍ତି।

### ଉଜୁଡ଼ିଗଲା ବର୍ଷକର ଫସଲ

**ଖୋର୍ଦ୍ଧା ଅଫିସ,୨୪।୮:** ଖୋର୍ଦ୍ଧା ବ୍ଲକ ଅଧୀନ ୩ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ରାୟପୁର, କୃଷ୍ଣପୁର, ଲେଖନପୁର, ତେନ୍ତୁଳିମୁହଁ, ମଶାଣିଆ, ଧବଳପୁର, ବଳପୁର, ଓରମୀ, ହାଡପଦା, ଶରଧାପୁର ଆଦି ଗ୍ରାମର ଚାଷଜମିରୁ ବନ୍ୟାଜଳ ନ ଖସିବାରୁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ାଇଛି। ୩ ମାସ ଧରି ଜମିରେ ଦିନରାତି ଏକ କରି ଧାନ ରୋଇଥିଲେ। ତେବେ ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡ଼ି ଧାନକେଣ୍ଡା ମୂଳରୁ ନଇଁ ଭାଙ୍ଗିଯାଇଥିବା ବେଳେ ପଚିଶଢ଼ି ଯାଇଛି। ଧବଳପୁର ଗ୍ରାମର ପ୍ରମୋଦ ମହାନ୍ତି କୁହନ୍ତି, ଗତବର୍ଷ ବନ୍ୟାଜଳ ମାଡ଼ି ଫସଲ ନଷ୍ଟ ହୋଇଥିଲା। କ୍ଷତି ଭରଣା ହୋଇ ନ ଥିବା ବେଳେ ଚଳିତବର୍ଷ ପୁଣି ଫସଲ ନଷ୍ଟ ଧୋଇଯାଇଛି। କ'ଣ ଖାଇବୁ, କିପରି ଚଳିବୁ। ଅନ୍ୟ ଜଣେ ଚାଷୀ କୁହନ୍ତି, ଏହି ଗାଁଗୁଡିକର ରାଜୁଆ ନଦୀ ଦୁଃଖ ପାଲଟିଛି। ପିଲାବେଳୁ ଏହି ସମସ୍ୟା ଲାଗିରହିଛି। ପ୍ରତିବର୍ଷ ଖରିଫ ଋତୁରେ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଦାବିପତ୍ର ଦିଆଯାଉଛି। ପ୍ରତିଶ୍ରୁତି ମିଳୁଛି କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ଶରଧାପୁର, ଲେଖନପୁର ନିକଟରେ ଏକ ଆଡ଼ିବନ୍ଧ ନିର୍ମାଣ ସ୍ୱପ୍ନରେ ରହିଯାଇଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ଷୟକ୍ଷତି ଆକଳନ କରାଯାଇ ତୁରନ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବା ଲାଗି ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ ଦାବି କରିଛନ୍ତି। କୃଷକ ସେଲ୍ ପକ୍ଷରୁ ଏକ ଟିମ୍ ବନ୍ୟାଞ୍ଚଳ ବୁଲି ଚାଷୀଙ୍କ ସହିତ ଆଲୋଚନା କରିଛି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

### ରେଳଧାରଣାରୁ ମୃତଦେହ ଜବତ

ବାରଙ୍ଗ,୨୪।୮(ଡି.ଏନ୍.ଏ.)

ପଟିଆ ରେଳ ଷ୍ଟେଶନ ନିକଟ ରେଳ ଧାରଣାରୁ ବୁଧବାର ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି ରେଲୱେ ପୋଲିସ। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ ଦିନ ୧୧ଟା ସମୟରେ ପଟିଆ ରେଳ ଷ୍ଟେଶନ ନିକଟରେ ସ୍ଥାନୀୟ ଲୋକେ ଯିବା ସମୟରେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତବ୍ୟକ୍ତି ଜଣକ ଗୋଟେ ନାଲି ରଙ୍ଗର ଟି-ଶାର୍ଟ, ଭିତରେ ନୀଳ ରଙ୍ଗର ଗଞ୍ଜି ଓ ଏକ ଟ୍ରାକ ପ୍ୟାଣ୍ଟ ପିନ୍ଧିଛନ୍ତି। ଜବତବେଳକୁ ତାଙ୍କ ହାତ ଗୋଡ଼ ବଙ୍କା ହୋଇରହିଥିଲା। ତାଙ୍କ ନିକଟରୁ କିଛି ଜିନିଷ, ଟଙ୍କା ପଇସା କି ପରିଚୟ ପତ୍ର ମିଳି ନାହିଁ। ମୃତ ବ୍ୟକ୍ତିର ବୟସ ଆନୁମାନିକ ୪୦ରୁ୪୫ ବର୍ଷ ହେବ। ଟ୍ରେନରେ ଯାତ୍ରା କରିଲା ବେଳେ ସେ ଖସି ପଡ଼ିଥିବା ପୋଲିସ ଅନୁମାନ କରୁଛି।

## ବନ୍ୟଜନ୍ତୁ, ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ



କ୍ଷେତ୍ରବାସୀ ସ୍କୁଲରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଓ ଛାତ୍ରୀଛାତ୍ର।

ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୪।୮(ଡି.ଏନ୍.ଏ.)

ବୁଧବାର ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଡିଏଫଓ ପୂର୍ଣ୍ଣିମା ପାଣ୍ଡିଆନ, ଏସିଏଫ୍ ଅସିତ୍ ମିଶ୍ର, ଗୋବିନ୍ଦ ବିଶ୍ୱାଳ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମନ୍ତ୍ରୀ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟଜନ୍ତୁ, ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବେଶ ସନ୍ତୁଳନ ଲାଗି ବ୍ୟାପକ ଚାରାରୋପଣ ଲାଗି ସଚେତନତା କାର୍ଯ୍ୟକ୍ରମ, ଲୋକଙ୍କ ସହଭାଗିତା ଉପରେ ଗୁରୁତ୍ୱ ଦେଇଥିଲେ।

### କ୍ଷେତ୍ରବାସୀ ସ୍କୁଲ ପରିଦର୍ଶନ କଲେ ମନ୍ତ୍ରୀ

ସେହିପରି ଟାଙ୍ଗୀ ବ୍ଲକ ଗସ୍ତରେ ମନ୍ତ୍ରୀ ଅମାତ୍ ଆସି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଟାଙ୍ଗୀସ୍ଥିତ ବନ ବିଭାଗ କାର୍ଯ୍ୟାଳୟକୁ ଯିବା ପରେ ଅପରାହ୍ନ ସାଢେ ଗୋଟାଏରେ ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ସରକାରୀ ସ୍କୁଲରେ ପହଞ୍ଚିଥିଲେ। ବିଦ୍ୟାଳୟ ପରିସର ବୁଲି ଦେଖିବା ସହ ଏହାର ଆନୁସାଙ୍ଗିକ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସ୍କୁଲରେ କିଭଳି ଶିକ୍ଷାଦାନ ଚାଲୁଛି ଜାଣିବା ପାଇଁ ପିଲାମାନଙ୍କୁ ପ୍ରଶ୍ନ ପଚାରିଥିଲେ। ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତ କରାଯିବ ବୋଲି ମନ୍ତ୍ରୀ ଅମାତ୍ କହିବା ସହ ବିଦ୍ୟାଳୟ ପରିସରରେ ସ୍ଥାପନ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀର ପୁନଃଉଦ୍ଧାର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହା ପରେ ଯୁବ ସଙ୍ଗଠକ ଶୁଭମ ଦାସଙ୍କ ସହିତ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ବ୍ଲକ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ କାଦମ୍ବିନୀ ବେହେରା, ସମିତି ସଭ୍ୟା ଲୋପାମୁଦ୍ରା ଦାସ, ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥ ଶର୍ମା, ୧୨ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ, ୪ ଗିରଫ

ବାଲକାଟୀ,୨୪।୮(ଡି.ଏନ୍.ଏ.)

ବାଲିଅନ୍ତା ପୋଲିସ ବାଲକାଟୀ ଫାଣ୍ଡି ଅଞ୍ଚଳରେ ହୋଇଥିବା ଚୋରି ଘଟଣାରେ ବୁଧବାର ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କବାଡି ଦୋକାନୀ କେଦାର ନନ୍ଦୀ,ବାଲକାଟୀ ବଡ ଭୋଇ ସାହିର ଚନ୍ଦନ ଭୋଇ, ମକରା ଭୋଇ ଓ ଭୀମସେନ ଭୋଇ। ଏମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀ, ଗ୍ରୀଲ, କବାଟ, ଗ୍ୟାସ ସିଲିଣ୍ଡର ଜବତ କରିଥିଲେ। ଗତ ୧୮ତାରିଖ ରାତିରେ ଫାଣ୍ଡି ନିକଟ ଜଗନ୍ନାଥ କଲୋନୀରେ ରହୁଥିବା ପିତାମ୍ବର ପଣ୍ଡା, ଉର୍ମିଳା କୁଣ୍ଡୁ, ତପନ ମହାପାତ୍ର ଓ ଅଭିଜିତ ସ୍ୱାଇଁଙ୍କ ଘରୁ ଦୁଇଟି ସାଇକେଲ, ଗ୍ୟାସ ଚୁଲା, ସିଲିଣ୍ଡର, ଲୁହାଗେଟ୍ ଚୋରି ହୋଇଥିଲା। ଏ ସମ୍ପର୍କରେ ଚାରିଜଣଯାକ ବାଲକାଟୀ ଫାଣ୍ଡିରେ ଅଭିଯୋଗ କରିଥିଲେ. ପୋଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ କେଦାର ନନ୍ଦୀଙ୍କ କବାଡି ଦୋକାନରେ ଚଢ଼ାଉ କରି ଚୋରି ଯାଇଥିବା ଲୁହାଗେଟ୍‌ର ସନ୍ଧାନ ପାଇଥିଲା। କେଦାରଙ୍କୁ ପଚାରଉଚରା ପରେ ପୋଲିସ ଅନ୍ୟମାନଙ୍କୁ ଗିରଫ କରିଥିଲା।

## ୧୪.୬୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ଖୋର୍ଦ୍ଧା ଅଫିସ,୨୪।୮

ଖୋର୍ଦ୍ଧାରେ ବଢ଼ିଚାଲିଛି ବ୍ରାଉନ୍‌ସୁଗାର କାରବାର। କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ), ଜିଲା ପୋଲିସ, ଅବକାରୀ ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ବିପୁଳ ପରିମାଣର ବ୍ରାଉନସୁଗାର ଆସୁଛି। ଏଠାରୁ ବିଭିନ୍ନ ସ୍ଥାନକୁ ପଠାଯାଇଥାଏ। ଖୋର୍ଦ୍ଧା ସହରର ଗୁରୁଜଙ୍ଗ, ମୁକୁନ୍ଦପ୍ରସାଦ, ସାମନ୍ତରାପୁର, ଠେଙ୍ଗୋହାଟ, ବରୁଣେଇ ଶିଳ୍ପାଞ୍ଚଳ ଆଦି ବ୍ରାଉନ୍‌ସୁଗାର କାରବାରର ହବ୍ ପାଲଟିଛି।

ବୁଧବାର ପୂର୍ବାହ୍ନରେ ଖୋର୍ଦ୍ଧା ଅବକାରୀ ପୋଲିସ ସାମନ୍ତରାପୁର ଠେଙ୍ଗୋହାଟ ଛକରେ ଚଢ଼ାଉ କରି ୧୪୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ସହ ବିଜୟ ବେହେରା ନାମକ ଯୁବକଙ୍କୁ ଗିରଫ କରିଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ୬୦ ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ୟୁ/ଏସ୍-୨୧(ବି)ରେ ଏକ ମାମଲା(ନଂ.୩୬/୨୨) ରୁଜୁ ହୋଇଥିବା ନେଇ ଅବକାରୀ ଥାନାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅବକାରୀ ଅଧୀକ୍ଷକ ଯଶକେତନ ବେଉରା ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ପୂର୍ବରୁ ବିଜୟଙ୍କ ନାଁରେ ଅଭିଯୋଗ ଆସିଥିଲା। ତାଙ୍କ ଉପରେ ନଜର ରଖାଯାଇଥିଲା। ବୁଧବାର ସେ ବ୍ରାଉନ୍‌ସୁଗାର ଧରି କେଉଁଆଡ଼େ ଯାଉଥିବା ଖବରପାଇ ଏକ ସ୍ୱତନ୍ତ୍ର ଟିମ୍ ଠେଙ୍ଗୋହାଟ ଛକରେ ଚଢ଼ାଉ କରି ତାଙ୍କୁ ଧରିଥିଲା। ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରୁ ଆସୁଥିବା ଏକ ଘରୋଇ ବସ୍‌ରୁ ସେ ଏହି ବ୍ରାଉନ୍‌ସୁଗାର ସଂଗ୍ରହ କରିଥିଲେ। ଏହାକୁ ସେ ଖୋର୍ଦ୍ଧାରେ କଲେଜ ବିଦ୍ୟାର୍ଥୀ ଓ ଇଞ୍ଜିନିୟରିଂ ଛାତ୍ରଙ୍କୁ ଦେଇଥାନ୍ତା ବୋଲି ପଚରାଉଚରା ବେଳେ ବିଜୟ ସ୍ୱୀକାର କରିଥିବା ଅଧୀକ୍ଷକ ବେଉରା ସୂଚନା ଦେଇଛନ୍ତି। ଜିଲାପାଳ ଏବଂ ଅବକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ରୋକିବା ଲାଗି ଚଢ଼ାଉ ଜାରି ରହିଛି। ନିଶାମୁକ୍ତ ଖୋର୍ଦ୍ଧା ଲାଗି ଅପରେଶନ ଧଳାଜହର ଅଭିଯାନ ଜାରି ରହିଛି ବୋଲି ସେ କହିଛନ୍ତି।



ଗିରଫ ଅଭିଯୁକ୍ତ।

## ଓଏଲ୍‌ଏକ୍ସ ଦ୍ୱାରା ଚାକିରି ଦେବା ଆଳରେ ଠକେଇ

ଭୁବନେଶ୍ୱର,(ବ୍ୟୁରୋ)୨୪।୮

ଓଏଲଏକ୍ସ ଦ୍ୱାରା ଚାକିରୀ ଦେବାକୁ କହି ଜଣେ ଯୁବତୀଙ୍କୁ ହୋଟେଲ ଭିତରେ ୫ ଘଣ୍ଟାରୁ ଅଧିକ ସମୟ ଅଟକ ରଖି ଦୁର୍ବ୍ୟବହାର କରିବା ସହ ତାଙ୍କୁ ଠକିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ନକଲି ସାମ୍ବାଦିକଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟ ହେଲେ କେନ୍ଦୁଝର ଜିଲା ଦୈତାରୀ ଥାନା ଅଞ୍ଚଳର ଶ୍ରବଣ ମହାନ୍ତ ଓ ଯାଜପୁର ଜିଲା ରଘୁନାଥପୁର ଅଞ୍ଚଳର ଗଗନ

### ନକଲି ସାମ୍ବାଦିକ ସମେତ ୨ ଗିରଫ

ବିହାରୀ ମଲ୍ଲିକ। ଏନେଇ ପୋଲିସ ଏକ ମାମଲା (ନଂ. ୪୦୩/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କଠାରୁ ନକଲି ପ୍ରେସକାର୍ଡ ସହ ବିଭିନ୍ନ ନକଲି କାଗଜପତ୍ର ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଓଏଲଏକ୍ସରେ ଚାକିରି ଦେବାକୁ ଶ୍ରବଣ ବିଜ୍ଞାପନ ଦେଇଥିଲେ।

## ଗିରଫ ସଂଖ୍ୟା ୭କୁ ବୃଦ୍ଧି

ଭୁବନେଶ୍ୱର,(ବ୍ୟୁରୋ)୨୪।୮

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦିପଡ଼ିଆ ବସ୍ତିରେ ୨୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ହଳଦିପଡ଼ିଆ ବସ୍ତିରେ ରହୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ଅଜିତ ବେପାରୀ ଓରଫ ଟାବଲେଟ (୩୨)। ଏହି ଘଟଣାରେ ମୋଟ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଶନିବାର ସକାଳେ ଶାହାରୁଖ୍ ହଳଦିପଡ଼ିଆ ବସ୍ତିକୁ ବ୍ରାଉନସୁଗର ବିକ୍ରି କରିବାକୁ ଆସିଥିବା ବେଳେ ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

## ବାସନ୍ଦ ପରିବାର ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ

### ୪ ମହିଳା ଗିରଫ

ବାଣପୁର,୨୪।୮(ଡି.ଏନ୍.ଏ.)



ବାଣପୁର ଥାନା ଅଧୀନ ନାରଣଦେଇପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାସନ୍ଦ ପରିବାରର ଜଣେ ମହିଳାଙ୍କୁ ଗ୍ରାମର କେତେଜଣ ମହିଳା ସଂଘବଦ୍ଧ ଭାବେ ଆକ୍ରମଣ କରି ଚେତାଶୂନ୍ୟ ଅବସ୍ଥାରେ ରାସ୍ତାରେ ପକାଇ ଦେଇଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଲୀଳାବତି ବାରିକଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଲୀଳାବତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ଗ୍ରାମର ଅଲି ତରାଇ, ଝୁମୁରି ଜେନା ଓ ମାଟିଆଣୀ ତରାଇଙ୍କୁ ଗିରଫ କରି ଗତ ସୋମବାର କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ମାଟିଆଣୀ ତରାଇଙ୍କ ଅଭିଯୋଗକ୍ରମେ ପୋଲିସ ଆଉ ଏକ ମାମଲା ରୁଜୁକରି ଲୀଳାବତିଙ୍କ ମା' ମାୟାବତୀ ବାରିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଲୀଳାବତିଙ୍କ ସ୍ୱାମୀ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ହୋଇଥିବା ବେଳେ ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ବିଭିନ୍ନ ସମୟରେ ତାଙ୍କ ପରିବାରକୁ ଆକ୍ରମଣ କରିବା ସହ ଗ୍ରାମରୁ ବାସନ୍ଦ କରିଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଏପରି କି ଗତ ଅକ୍ଟୋବରରେ ଗ୍ରାମର କେତେଜଣ ବ୍ୟକ୍ତି ଗାଡି ମଡ଼ାଇ ଲୀଳାବତିଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିବା ମଧ୍ୟ ଥାନାରେ ଅଭିଯୋଗ ହୋଇଛି। ତେବେ ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏହି ଘଟଣା ଉଗ୍ରରୂପ ଧାରଣ କରିବାରେ ଲାଗିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଏଥର ପଲିଥିନମୁକ୍ତ ପୂଜା

### ହରିଭାଇନା ଛକ ବ୍ୟବସାୟୀ ସଂଘ

ଜଟଣୀ,୨୪।୮(ଡି.ଏନ୍.ଏ.)

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ୨ ବର୍ଷ ପରେ ବିନା କରୋନା କଟକଣାରେ ବିଘ୍ନରାଜ ଗଣପତି ବାବା ଭକ୍ତଙ୍କ ମେଳରେ ପୂଜା ପାଇବେ। ଏଥିପାଇଁ କାରିଗର, ଆୟୋଜକ ଓ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହି ବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଦୀର୍ଘ ୮୭ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଟଣୀ ସହରରେ ଗଣେଶ ପୂଜା ଆୟୋଜନ କରିଆସୁଥିବା ହରିଭାଇନା ଛକ ବ୍ୟବସାୟୀ ସଂଘ ପୂଜା କମିଟି ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଛି। ଏଥର ହେବାକୁ ଥିବା ୬୦ ଫୁଟର ୩ଟି ଏଲ୍‌ଇଡି ଲାଇଟ ଗେଟ୍ ଆକର୍ଷଣ ସାଜିବ। ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ କମିଟି ଆକଳନ କରିଛି। ରାସ୍ତା ପ୍ରଶସ୍ତୀକରଣ ଆଳରେ ୨୦୧୩ ମସିହାରେ ସ୍ଥାୟୀ ମଣ୍ଡପକୁ ପ୍ରଶାସନ ଭାଙ୍ଗି ଦେଇଥିବାରୁ ସେବେଠାରୁ ପୂଜା ସମୟରେ ମଣ୍ଡପ ପାଇଁ ଅଧିକ ଟଙ୍କା ବ୍ୟୟ କରିବାକୁ ପଡୁଛି ବୋଲି କର୍ମକର୍ତ୍ତା କହିଛନ୍ତି। ଏହି ମଣ୍ଡପରେ ୧୨ ଫୁଟ ଉଚ୍ଚର ବିଘ୍ନରାଜଙ୍କ ସହିତ ମା'ଲକ୍ଷ୍ମୀ ଓ ସରସ୍ୱତୀ ପୂଜା ପାଇଥାନ୍ତି। ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଗଜାନନଙ୍କ ନିକଟରେ ବିଭିନ୍ନ ଭୋଗ ଲାଗି ହେଉଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ଶିରିଣି ଭୋଗ କରାଯାଇଥାଏ। ପୂଜା ସମୟରେ ମାନସିକ ରଖିଲେ ତାହା ପୂରଣ ହେଉଥିବା ଲୋକବିଶ୍ୱାସ ରହିଛି। ମାନସିକ ପୂରଣ ହେଲେ ମାନସିକଧାରୀ ଏଠାରେ ପାଲା କରିଥାନ୍ତି। କମିଶନରେଟ ପୋଲିସ ଏବଂ ପୂଜା କମିଟି ପକ୍ଷରୁ ୨୦ ଜଣ ସ୍ୱେଚ୍ଛାସେବୀ ଭିଡ଼ ନିୟନ୍ତ୍ରଣ ପାଇଁ ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।





ଏଲ୍‌ଇଡି ଗେଟ୍‌ର ନକଲ।

- ପୂଜା ପାଇବେ ୧୨ ଫୁଟ ଉଚ୍ଚର ଗଜାନନ
- ଏଥର ୬୦ ଫୁଟର ୩ ଏଲ୍‌ଇଡି ଗେଟ୍

### ଏମାନେ ଯାହା କୁହନ୍ତି...



ସଂସ୍କୃତି ଏବଂ ପରମ୍ପରାକୁ ବଜାୟ ରଖିବା ପାଇଁ ସବୁବର୍ଷ ଭଳି ଏବର୍ଷ ମଧ୍ୟ ପ୍ରତିଦିନ ପାଲା ପରିବେଷଣ କରାଯିବ। ପରିବେଶ ଏବଂ ନିରୀହ ପ୍ରାଣୀଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବା ପାଇଁ ସମସ୍ତଙ୍କୁ ପଲିଥିନମୁକ୍ତ ପୂଜା ପାଇଁ ନିବେଦନ କରିଛୁ। ମଣ୍ଡପରେ କେବଳ ତାଳପତ୍ର ଏବଂ ବାଉଁଶ ଭୋଗେଇ ତଥା ଟାଙ୍ଗୁଡ଼ିରେ ଭକ୍ତଙ୍କ ଭୋଗ ଗ୍ରହଣ କରାଯିବା ନେଇ ନିଷ୍ପତ୍ତି ହୋଇଛି।

**- ଜାନକୀ ବଲ୍ଲଭ ମିଶ୍ର, ସଭାପତି, ହରିଭାଇନା ଛକ ବ୍ୟବସାୟୀ ସଂଘ**



ବର୍ତ୍ତମାନ ପରିସ୍ଥିତିରେ ପୂଜା ଏବଂ ସାଜସଜ୍ଜା ଏକ ପ୍ରତିଯୋଗିତାରେ ପରିଣତ ହୋଇଛି। ସଂସ୍କୃତି ଏବଂ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା ଜାରି ରଖିଛୁ। ଚଳିତ ବର୍ଷ ଭଜନ କାର୍ଯ୍ୟକ୍ରମ ସହିତ ପାଲା ଗାୟକ, ବାୟକ, ପାଳିଆ ଏବଂ ନିର୍ବାଚିତ କାଉନ୍‌ସିଲରଙ୍କୁ ସମ୍ବର୍ଦ୍ଧିତ କରାଯିବ। ବନ୍ୟା ପୀଡ଼ିତଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଅର୍ଥ ପ୍ରଦାନ କରାଯିବ।

**- ଦିଲୀପ କୁମାର ମାର୍ଥା, ସମ୍ପାଦକ, ହରିଭାଇନା ଛକ ବ୍ୟବସାୟୀ ସଂଘ**

# ସଙ୍କଟରେ ମଧୁର ଜଳଭଣ୍ଡାର




୨୪।୮।୨୦୨୨

| | |
|---|---|
| ୨,୫୬,୨୪୨ ଟଙ୍କା | |
| ସୁନା | ୧୯.୩୦୦ ଗ୍ରାମ |
| ରୁପା | ୯୯.୯୦୦ ଗ୍ରାମ |

## ସଂକ୍ଷେପରେ

### ବନ୍ୟା ପରିସ୍ଥିତି ବିଫଳତା, ଭାଜପାର ଆନ୍ଦୋଳନ ପ୍ରସ୍ତୁତି

ନିମାପଡା,୨୪।୮(ଡି.ଏନ୍.ଏ.)- ନିମାପଡ଼ା ନିର୍ବାଚନମଣ୍ଡଳୀରେ ବନ୍ୟା ପରିସ୍ଥିତି ମୁକାବିଲା କରିବା ଓ ବିପନ୍ନଙ୍କୁ ରିଲିଫ ଯୋଗାଣରେ ବିଫଳତା, ପ୍ରଶାସନିକ ଅବହେଳା ପ୍ରତିବାଦରେ ଭାଜପା ପକ୍ଷରୁ ଗଣଆନ୍ଦୋଳନ କରାଯିବ। ଏହି ପରିପ୍ରେକ୍ଷୀରେ ୨୬ତାରିଖରେ ଭାଜପା ପକ୍ଷରୁ ନିମାପଡ଼ା ତହସିଲ ଅଫିସ ଆଗରେ ଅନଶନ କରାଯିବ ବୋଲି ଏକ ପ୍ରେସ୍ ବିବୃତ୍ତିରେ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା କହିଛନ୍ତି। ବର୍ଷାଋତୁ ପୂର୍ବରୁ ନଦୀବନ୍ଧର ସୁରକ୍ଷା କରାଯାଇ ନ ଥିବାରୁ ନିମାପଡ଼ା ଓ ଗୋପ ଅଞ୍ଚଳରେ ବନ୍ୟାର ବିଭୀଷିକା ସୃଷ୍ଟି ହେଲା। ଏହି ବନ୍ୟାରେ ଲୋକେ ପାଣିଘେରରେ ରହିବା ସହ କଚାଘର ଭାଙ୍ଗି ନଷ୍ଟ ହୋଇଛି। ସେହିପରି ଚାଷୀର ମଧ ବହୁ ଫସଲ, ପନିପରିବା ଚାଷ ନଷ୍ଟ ହୋଇଛି। ବନ୍ୟା ବିପନ୍ନଙ୍କୁ ୧୫ଦିନ ପାଇଁ ରିଲିଫ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ଅଦ୍ୟାବଧି କେତେଜଣ ବିପନ୍ନଙ୍କୁ ସହାୟତା ମିଳିପାରିନି। ବିଭିନ୍ନ ନଦୀବନ୍ଧ ମରାମତି ହୋଇପାରିନି, ଏଥିପ୍ରତି ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ବେଳେ ସରକାର ମଧ କୌଣସି ତ୍ୱରିତ ପଦକ୍ଷେପ ନେଉ ନାହାନ୍ତି। ତେଣୁ ଏହି ବିରୋଧରେ ଗଣଆନ୍ଦୋଳନ କରାଯିବ ବୋଲି ପ୍ରଭାତି ପରିଡ଼ା କହିଛନ୍ତି।

### ଉର୍ଜାବାନ ଓଡ଼ିଶା ପକ୍ଷରୁ ଖାଦ୍ୟ, ସାନିଟାରି ବଣ୍ଟନ

ପୁରୀ ଅଫିସ,୨୪।୮: ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡିଶା ତରଫରୁ ବନ୍ୟାଞ୍ଚଳ ଗୋପ ବ୍ଲକ ଗବସିଙ୍ଘା ଗ୍ରାମରେ ଶୁଖିଲା ଖାଦ୍ୟ ଓ ସାନିଟାରୀ ପ୍ୟାଡ ବିତରଣ କରାଯାଇଛି । ଉର୍ଜାବାନ ଓଡ଼ିଶା ପକ୍ଷରୁ ପୁରୀ ଜିଲା ଗୋପ ବ୍ଲକ ଗବସିଙ୍ଘା ଗ୍ରାମରେ ସମସ୍ତ ସଦସ୍ୟ ପହଞ୍ଚି ବନ୍ୟା ପ୍ରୀଡିତଙ୍କ ପାଇଁ ପାଖାପାଖି ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ଖାଦ୍ୟ ବିତରଣ କରିଲେ। ସେହିପରି ମହିଳାମାନେ ବନ୍ୟା ଅଞ୍ଚଳରେ ରହି ଋତୁସ୍ରାବ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଗ୍ରାମ ବୁଲି ମହିଳା ଓ ଯୁବତୀମାନଙ୍କୁ ସାନିଟାରି ନାପକିନ୍ ବିତରଣ କରାଯାଇଥିଲା ବୋଲି ଅନୁଷ୍ଠାନର ସଭାପତି ସନ୍ତୋଷ ସେନାପତି କହିଛନ୍ତି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦିକା ନୀହାରିକା ତ୍ରିପାଠୀଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ପୁରୀ ଅଫିସ,୨୪।୮

ପୁରୀ ସହରର ମଧୁର ଜଳଭଣ୍ଡାର ସରି ସରି ଆସୁଛି। ବ୍ୟାପକ ହୋଟେଲ ଶିଳ୍ପ ଓ ବେଆଇନ ବୋର୍‌ୱେଲ ଖନନ ଯୋଗୁ ମଧୁର ଜଳଭଣ୍ଡାରର ଜଳସ୍ତର କମିବାରେ ଲାଗିଛି। ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳରେ ମଧୁର ଜଳଭଣ୍ଡାର ଏକ ଦୁର୍ଲଭ ସମ୍ପଦ। ତାହାର ସଂରକ୍ଷଣ ଏକାନ୍ତ ଆବଶ୍ୟକ ହୋଇଥିଲେ ମଧ ସହରରେ ଠିକ୍ ଭାବେ ସଂରକ୍ଷଣ କରାଯାଉ ନ ଥିବା ଦେଖିବାକୁ ମିଳୁଛି। ପୁରୀ ସହରରେ ୬ଶହ ଏକର ପରିବ୍ୟାପ୍ତ ୨ଟି ମଧୁର ଜଳଭଣ୍ଡାର ରହିଛି। ତାହା ହେଉଛି ତାଳବଣିଆ ଓ ବଳିଆପଣ୍ଡା। ୨୦୧୭ ମସିହା ନ୍ୟାଶନାଲ୍ ଗ୍ରୀନ ଟ୍ରିବ୍ୟୁନାଲ୍ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଜଣାଇଥିଲେ ଯେ, ପୁରୀର ମଧୁର ଜଳଭଣ୍ଡାର ଅଞ୍ଚଳରେ କୌଣସି ପ୍ରକାର ଜବରଦଖଲ ହୋଇପାରିବ ନାହିଁ। ସେହିଭଳି ରାଜ୍ୟ ସରକାର ମଧୁର ଜଳଭଣ୍ଡାରର ସୁରକ୍ଷା ଦିଗରେ ଆନୁଷଙ୍ଗିକ ପଦକ୍ଷେପ ନେବେ। ମାତ୍ର ସମୟ ସହ ଏହି ନିର୍ଦ୍ଦେଶକୁ ରାଜ୍ୟ ସରକାର ଅବମାନନା କରିଆସିଛନ୍ତି। ବିଡ଼ମ୍ବନା ଏହା ଯେ, ପୁରୀ ସହରର ଅଧିକାଂଶ ହୋଟେଲ ଏହି ମଧୁର ଜଳଭଣ୍ଡାର ଛାତି ଉପରେ ନିର୍ମାଣ ହୋଇଛି। ଲକ୍ଷ ଲକ୍ଷ ପର୍ଯ୍ୟଟକ ପୁରୀକୁ ଆସି ହୋଟେଲରେ ରହୁଥିବା ବେଳେ ହୋଟେଲ ଶିଳ୍ପ ବେଆଇନ ବୋର୍‌ୱେଲ ଖନନ କରି ମଧୁର ଜଳଭଣ୍ଡାରକୁ ଶେଷ କରିବାରେ ଲାଗିଛନ୍ତି।

ଜିଲା ପ୍ରଶାସନ ରାଜ୍ୟ ଜଳ ନିଗମ(ୱାଟ୍‌କୋ)କୁ ପୁରୀ ସହରରେ ଜଳ ଯୋଗାଣ ଦାୟିତ୍ୱ ଦେଇଛି। ଫଳରେ ଉଭୟ ସରକାରୀ ଓ ଘରୋଇ ସଂସ୍ଥା ସମେତ ସହରବାସୀଙ୍କ ଘରକୁ ୱାଟକୋ ଜଳ ଯୋଗାଉଛି। ଦୈନିକ ହଜାର ହଜାର ଲିଟର ଜଳ ଘରୋଇ ହୋଟେଲର ବ୍ୟବହାର କରାଯାଉଥିବା ବେଳେ ଏହାର ଏକ ସିଂହ ଭାଗ ମଧୁର ଜଳଭଣ୍ଡାରରୁ ଯାଉଛି। ଅନ୍ୟପକ୍ଷେ ୱାଟ୍‌କୋ ନଦୀଜଳକୁ ଅତ୍ୟାଧୁନିକ ପଦ୍ଧତିରେ ବିଶୋଧିତ କରି ସହରବାସୀଙ୍କ ସମେତ ଅନ୍ୟ ସଂସ୍ଥାକୁ ଜଳ ଯୋଗାଉଛନ୍ତି। ପୁରୀ ସହରକୁ ପ୍ରବାହିତ ଭାର୍ଗବୀ ଓ

- ■ଘରୋଇ ହୋଟେଲ କରୁଛନ୍ତି ବେଆଇନ ବୋର୍‌ୱେଲ
- ■ୱାଟ୍‌କୋ ଅଧୀନକୁ ଘରୋଇ ହୋଟେଲକୁ ଆଣିବାକୁ ଦାବି

କାଦୁଆ ନଦୀର ଜଳକୁ ବ୍ୟବହାର କରି ଜଳ ଯୋଗାଣ କରାଯାଉଛି। ପୁରୀ ସହର ସମେତ ବ୍ୟାପକ ହୋଟେଲ ଶିଳ୍ପକୁ ପାନୀୟ ଜଳ ସମେତ ସ୍ୱରେଜ ଜଳ ଯୋଗାଣରେ ୱାଟ୍‌କୋର କ୍ଷମତା ରହିଛି। ମାତ୍ର ପ୍ରଶାସନିକ ଅବହେଳା କାରଣରୁ ହୋଟେଲ ଶିଳ୍ପକୁ ୱାଟକୋ ଅନ୍ତର୍ଭୁକ୍ତ କରାଯାଇପାରୁ ନାହିଁ। ହେଲେ ମଧୁର ଜଳ ଭଣ୍ଡାର ଉପରେ ମାଳମାଳ ହୋଟେଲ ନିର୍ମାଣ ହେବାରେ ଲାଗିଛି। ହୋଟେଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମଧ ମିଳୁଛି। ପୁରୀ ସହରରେ ୱାଟକୋ ଦୈନିକ ୩୯ ମିଲିୟନ ଲିଟର ଜଳ ଯୋଗାଉଛି। ଏଥିରେ ଉଭୟ ଘରୋଇ ଓ ବ୍ୟବସାୟ ଅନୁଷ୍ଠାନ ସାମିଲ ଅଛନ୍ତି। ତେବେ ଅଧିକାଂଶ ହୋଟେଲ ଶିଳ୍ପ ପୁରୀ ସହରର ଦୈନନ୍ଦିନ ଆବଶ୍ୟକର ଅଧା ପରିମାଣ ଜଳ ବୋରୱେଲ ଯୋଗେ ବ୍ୟବହାର କରୁଥିବା ସରକାରୀ ସ୍ତରରେ ଆକଳନ କରାଯାଉଛି। ୱାଟକୋ ପ୍ରବନ୍ଧକ ଭବାନୀ ମହାନ୍ତି କହିଛନ୍ତି, ପୁରୀ ସହରରେ ବ୍ୟବସାୟିକ ଅନୁଷ୍ଠାନ ସବୁ ଜଳ ଯୋଗାଣ ପ୍ରକ୍ରିୟାରେ ସାମିଲ ହୋଇଥିଲେ ମଧ ଏହାର ଏକ ବଡ଼ଭାଗ ବଞ୍ଚିଯାଇଛନ୍ତି। ତେବେ ସ୍ୱେରେଜ ଉଦ୍ଦେଶ୍ୟରେ ଅନେକ ହୋଟେଲ ଶିଳ୍ପ ପାଣି ନେଉଥିଲେ ମଧ ପାନୀୟ ଜଳ ନେଉଥିବା ହୋଟେଲ ସଂଖ୍ୟା ଯଥେଷ୍ଟ କମ୍।

ଅନ୍ୟପଟେ ୱାଟକୋ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ସୁଦ୍ଧା ପାନୀୟ ଜଳ ପାଇଁ ୩୦ ହଜାର ୭୯୬, ୩୧୯ଟି ସରକାରୀ କାର୍ଯ୍ୟାଳୟ, ୧୧୬ଟି ଶିକ୍ଷା ଓ ସ୍ୱାସ୍ଥ୍ୟ ଅନ୍ୟାନ୍ୟ ଅନୁଷ୍ଠାନ ଓ ୨୭୧ଟି ବ୍ୟବସାୟିକ ଅନୁଷ୍ଠାନ ୱାଟ୍‌କୋଠାରୁ ପାଣି ନେଉଛନ୍ତି। ସେହିଭଳି ସ୍ୱେରେଜ ବାବଦକୁ ୭୪୧୭ ଗୃହ, ୭୮୫ ବ୍ୟବସାୟିକ ଅନୁଷ୍ଠାନ ଓ ୫୩ଟି ଅନ୍ୟାନ୍ୟ ଅନୁଷ୍ଠାନ ପାଣି ନେଉଛନ୍ତି। ସେହିଭଳି ସମୁଦାୟ ୩୧ହଜାର ୫୦୨ ଜଣଙ୍କୁ ପାନୀୟ ଜଳ ଯୋଗାଣ ଓ ୮୨୫୫ ଜଣଙ୍କୁ ସ୍ୱରେଜ ବାବଦକୁ ଜଳଯୋଗାଣ କରାଯାଉଛି। ପୁରୀରେ ହୋଟେଲ ସଂଖ୍ୟା ଅତି କମ୍‌ରେ ଏକ ହଜାର ହେବ। ଏହା ମଧ୍ୟମରେ ବଡ଼ବଡ଼ ହୋଟେଲଠାରୁ ଆରମ୍ଭ କରି ଲଜିଂ ପର୍ଯ୍ୟନ୍ତ ସମସ୍ତେ ସାମିଲ। ମାତ୍ର ଏମାନଙ୍କୁ ଜଳଯୋଗାଣ ପାଇଁ ବାଧ କରାଯାଉ ନାହିଁ। ସେହିଭଳି ମଧୁର ଜଳଭଣ୍ଡାର ଅଞ୍ଚଳରେ ବୋରୱେଲ ନିର୍ମାଣ ବେଆଇନ ହୋଇଥିଲେ ମଧ ଏନେଇ କାହାରି ନିଘା ନାହିଁ। ଏନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ବୋରୱେଲ ନିର୍ମାଣ ପାଇଁ ବ୍ୟବସାୟିକ ଅନୁଷ୍ଠାନକୁ ଅନୁମତି ଦିଆଯାଉନାହିଁ। ଯାଞ୍ଚ ମଧ କରାଯାଉଛି। ବୁଦ୍ଧିଜୀବୀ ହେକ୍ଟର ମିଶ୍ର କହିଛନ୍ତି, ପୁରୀର ମଧୁର ଜଳଭଣ୍ଡାରକୁ ସୁରକ୍ଷା ଦେବା ଦରକାର। ପର୍ଯ୍ୟଟନ କ୍ଷେତ୍ର ଭାବେ ପୁରୀ କ୍ରମାଗତ ଭାବେ ବିକାଶ ହେଉଛି, ଏଣୁ ଗ୍ରୀନ ଟ୍ରିବ୍ୟୁନାଲ୍‌ର ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ମିଳିତ ଭାବେ ମଧୁର ଜଳଭଣ୍ଡାରକୁ ସୁରକ୍ଷା ଦେବା ଦରକାର।

## ୨ ବ୍ରାଉନସୁଗାର ବେପାରୀ ଗିରଫ

ପୁରୀ ଅଫିସ ୨୪।୮

ବଟି ଆଦାୟ କରିବା ଅଭିଯୋଗରେ ପୁରୀ ସହରର ବିଭିନ୍ନ ସ୍ଥାନରୁ ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। କୁମ୍ଭାରପଡା ଥାନା ଅଞ୍ଚଳରେ ଦୋକାନୀଙ୍କଠାରୁ ବଟି ଆଦାୟ କରିବାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସଦରଥାନା ଅନ୍ତର୍ଗତ ନୀଳଚକ୍ର ନଗରର ଦୀପକ ପଣ୍ଡା ଓରଫ ଦୀପୁ (୨୩)। ପୋଲିସ ଅଭିଯୁକ୍ତ ନିକଟରୁ ନଗଦ ୧୦୦ ଟଙ୍କିଆ ତିନୋଟି ନୋଟ ଜବତ କରିଛି। ଏନେଇ ପୋଲିସ ନଂ.୨୩୨/୨୨ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ୬ଟି ମାମଲା ପୂର୍ବରୁ ରୁଜୁ ହୋଇଥିବା ପୋଲିସ କହିଛି। ସେହିପରି ଅଟୋ ଏବଂ ଦୋକାନୀଙ୍କଠାରୁ ଜବରଦସ୍ତି ଟଙ୍କା ଆଦାୟ କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ସର୍ବୋଦୟ ନଗର ଗୁଣ୍ଡିଚା ବିହାରର ଲୋକନାଥ ସେନାପତି ଓରଫ ଲୋଫର ଲୋକା(୨୪) । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଛୁରି ଜବତ କରିଛି। ଏ ନେଇ ନଂ. ୧୧୪/୨୨ରେ ଏକ ମାମଲା ରୁଜୁ କରିଛି।



ପୁରୀ କାରାଗାରରେ ବିଚାରାଧୀନ କଏଦୀ ବ୍ରହ୍ମଗିରିର ବିଶ୍ୱନାଥ ବାରିକଙ୍କ ମୃତ୍ୟୁରେ ପରିବାରଙ୍କୁ ନ୍ୟାୟ ଦାବିରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

## ପ୍ରଫୁଲ୍ଲଙ୍କ ଆଦର୍ଶର ଅନୁଗାମୀ ହୁଅନ୍ତୁ ଯୁବ ଖବରଦାତା

ପୁରୀ ଅଫିସ,୨୪।୮

ସାମ୍ବାଦିକତା ଏକ ବୃତ୍ତି ନୁହେଁ ବ୍ରତ। ନିର୍ଭୀକତା ସହ ନିରପେକ୍ଷ ଭାବେ ସମ୍ବାଦ ପରିବେଷଣ କଲେ ସମାଜର ହିତ ସାଧିତ ହେବା ସହ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କ ଆସ୍ଥା ଅତୁଟ ରହିବ ଏବଂ ସାମ୍ବାଦିକର ମର୍ଯ୍ୟାଦା ବୃଦ୍ଧି ପାଇବ। ଏହି ଆଦର୍ଶର ଅନୁଗାମୀ ହୋଇ ଖବରଦାତା ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାମ୍ବାଦିକତା କରୁଥିଲେ ବୋଲି ବିଶିଷ୍ଟ ଅତିଥିମାନେ ଖବରଦାତା ପ୍ରଫୁଲ୍ଲଙ୍କ ୨୭ତମ ପୁଣ୍ୟତିଥି କାର୍ଯ୍ୟକ୍ରମରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେବା ଅନୁଷ୍ଠାନ ପୁରୀ ସେବା ସମିତି ପକ୍ଷରୁ ଅନୁଷ୍ଠାନର ପୂର୍ବତନ ସଭାପତି ତଥା ଖ୍ୟାତନାମା ଖବରଦାତା ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତିସଭା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ବିମଳ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦିବଂଗତ ଖବରଦାତାଙ୍କ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଖବରଦାତା ନାରାୟଣ ପ୍ରସାଦ ସିଂହ, ବିଜୟ ପଟ୍ଟନାୟକ, ବିଶ୍ୱଜିତ ମିଶ୍ର, କବି ମାନସ ରଞ୍ଜନ ମହାପାତ୍ର, ଚକ୍ରଧର ମହାପାତ୍ର, ସୁଭ୍ରାଂଶୁ ମୋହନ ପଟ୍ଟନାୟକ, ପ୍ରଭୁଦତ୍ତ ମିଶ୍ର, ଗୌରହରି ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ବିଷୟରେ କହିବା ସହ ଯୁବ ସାମ୍ବାଦିକ ଓ ସ୍ୱେଚ୍ଛାସେବୀମାନେ ତାଙ୍କ ଆଦର୍ଶର ଅନୁଗାମୀ ହେବାକୁ ଆହ୍ୱାନ ଜଣାଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ହିମାଂଶୁ କୁମାର ମହାନ୍ତି ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଖବରଦାତା ବିଜୟ ପଟ୍ଟନାୟକ, ନାରାୟଣ ପ୍ରସାଦ ସିଂହ ଓ ବିଶ୍ୱଜିତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସେବା ସମିତିର ସମ୍ପାଦକ ରବୀନ୍ଦ୍ର ନାଥ ସେନାପତି, କୋଷାଧ୍ୟକ୍ଷ ରବି ନାରାୟଣ ନନ୍ଦ, ସଞ୍ଜୟ ମହାନ୍ତି, କୃଷ୍ଣ ସାହୁ, ରାକେଶ, ବାସୁଦେବ ସାହୁ, ଅଭିଳାଷ ମହାପାତ୍ର, ଅଶ୍ୱଜିତ୍ ମହାପାତ୍ର, ଓମ୍ ପ୍ରକାଶ ମହାନ୍ତି ଓ ବିସ୍ମୟ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ – ସମ୍ପାଦକ ସୌମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ହାଜତରେ ମୃତ ବିଚାରାଧୀନ କଏଦୀଙ୍କ ପରିବାରକୁ ନ୍ୟାୟ ଦାବି

ପୁରୀ ଅଫିସ, ୨୪।୮

ପୁରୀ କାରାଗାର ପରିସରରେ ଗତ ୧୨ ତାରିଖରେ ବିଚାରାଧୀନ କଏଦୀ ବ୍ରହ୍ମଗିରି ଶିଶୁପୁର ଗ୍ରାମର ବିଶ୍ୱନାଥ ବାରିକଙ୍କ ହୋଇଥିବା ମୃତ୍ୟୁର ତଦନ୍ତ ସହ ତାଙ୍କ ପରିବାର ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ଦାବି କରିଛି। ଏଥିସହ ସଂଗଠନ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କ ସହ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହିତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ମାଧ୍ୟମରେ ମୃତକଙ୍କ ମାଆ ମାଗି ବାରିକ ଅଭିଯୋଗ କରିଛନ୍ତି ଯେ, ସେ ଜଣେ ଆଶାକର୍ମୀ। ତାଙ୍କର ଏକମାତ୍ର ରୋଜଗାରକ୍ଷମ ପୁଅକୁ ଷଡଯନ୍ତ୍ର କରାଯାଇ ହତ୍ୟା କରାଯାଇଥିବା ହୃଦବୋଧ ହେଉଛି। ଏ ନେଇ ପୂର୍ବରୁ ବିଭାଗୀୟ ଅଧିକାରୀମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ପୋଲିସ ମଧ କୌଣସି ପଦକ୍ଷେପ ନେଇନାହିଁ। ସୂଚନାଯୋଗ୍ୟ, ମୋ ପୁଅ ଜଗଦଲ୍ଲପୁର ଗ୍ରାମର ଜଣେ ଝିଅକୁ ବିବାହ କରିଥିଲା। ଏ ନେଇ ଝିଅ ଘର ଅଭିଯୋଗ କରିବାର ୭ ମାସ ପରେ ପୁଅକୁ ଗିରଫ କରି ହାଜତକୁ ପଠାଇଥିଲେ। ଝିଅ ନାବାଳିକା ବୋଲି ଅଭିଯୋଗରେ ଦର୍ଶାଯାଇଥିଲା । ତେବେ ଗିରଫ ସମୟରେ ଝିଅ ସାବାଳିକା ହୋଇ ସାରିଥିଲେ। କିନ୍ତୁ ପୋଲିସ ଏହି ସତ୍ୟତାକୁ ଗ୍ରହଣ ନ କରି ମୋ ପୁଅକୁ ଗିରଫ କରିଥିଲେ। ପୋଲିସ ମାମଲା ସମାଧାନ ପାଇଁ ଅର୍ଥ ଚାହୁଁଥିଲା। ମାତ୍ର ଅର୍ଥ ଦେବାରେ ଅସମର୍ଥ ଥିବାରୁ ନାନା ଧମକ ଦେଇଥିଲେ। ଏହା ବିରୋଧରେ ଅଭିଯୋଗ ପରେ ମଧ କେହି ଶୁଣି ନ ଥିଲେ। ପୁଅକୁ ଯୋଜନା କରି ହତ୍ୟା କରାଯାଇଛି। ତେଣୁ ଘଟଣାର ତଦନ୍ତ କରାଯାଇ ମୃତକଙ୍କ ପରିବାର ଓ ତାଙ୍କ ମାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ସଂଗଠନ ଦାବି କରିଛି।

## ଷଣ୍ଢ ଆକ୍ରମଣରେ ଚାଷୀ ଗୁରୁତର

ଗୋପ,୨୨।୮(ଡି.ଏନ.ଏ.)

ଗୋପ ବ୍ଲକ ଅନ୍ତର୍ଗତ କୁଆଁପଡା ପଞ୍ଚାୟତ ଅଧୀନ ପରାଳ ଗ୍ରାମର ଚାଷୀ ବୁଦ୍ଧନାଥ ସାହୁ (୬୪) ବୁଧବାର ଅପରାହ୍ନରେ ଜମିରେ ଚାଷ କରୁଥିବାବେଳେ ଷଣ୍ଢ ଆକ୍ରମଣରେ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ପୁରୀ ମୁଖ୍ୟ ଚିକିତ୍ସାଳୟ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ପଠାଯାଇଛି। ୩/୪ ପୂର୍ବରୁ ପରାଳ ଗ୍ରାମର ରାଧାମଣୀ ରାଉତଙ୍କୁ ଏହି ଷଣ୍ଢ ଆକ୍ରମଣ କରିବାରେ ମୃତ୍ୟୁ ହୋଇଥିବା ବେଳେ ବନ୍ତଳିଗ୍ରାମ ଗାଁ ସବେଇ ଭୋଇ ଗୁରୁତର ହୋଇଥିଲେ। ପ୍ରକାଶ ଯେ, ବୁଦ୍ଧନାଥ ବୁଧବାର ଗାଁ ନିକଟ ନିଜ ଚାଷ ଜମିକୁ ଯାଇଥିବା ବେଳେ ଏହି ମାରଣା ଷଣ୍ଢଟି ହଠାତ୍ ଆସି ଆକ୍ରମଣ କରିଥିଲା। ଏହି ସମୟରେ ବୁଦ୍ଧଙ୍କ ସ୍ତ୍ରୀ ଗାଁ ଲୋକଙ୍କୁ ଡାକିବାରେ ଚାଷ ଜମିରୁ ଷଣ୍ଢଟି ଚାଲିଯାଇଥିଲା। ଗ୍ରାମବାସୀ ବନ୍ୟା ଜଳ ଥିବା ଯୋଗୁଁ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ନ ପାରି ପୁରୀ ସଦର ଡାକ୍ତରଖାନାକୁ ନେଇଥିଲେ। ବୁଦ୍ଧଙ୍କ ଅଣ୍ଟା, ଛାତିରେ ଗଭୀର କ୍ଷତ ହୋଇଥିବାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

## ବିଧାୟକ ନୁହେଁ ବୋଲି ପ୍ରଶାସନ ଶୁଣୁନି: ମହେଶ୍ୱର

ପୁରୀ ଅଫିସ,୨୪।୮

ପୁରୀ ବୀରହରେକୃଷ୍ଣପୁର ପଞ୍ଚାୟତରେ ବନ୍ୟା ପ୍ରଭାବିତଙ୍କୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଟ୍ରଲି ଯୋଗ ଯାଇ ରିଲିଫ ବଣ୍ଟନ କରିବା ପରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ବୁଧବାର ଟ୍ରାକ୍ଟର ଯୋଗେ ବନ୍ୟା ପ୍ରଭାବିତଙ୍କ ପାଖରେ ପହଞ୍ଚିଛନ୍ତି। ତେବେ କଞ୍ଚି ନଦୀରେ ବନ୍ଧ ନ ବାନ୍ଧିବା ଫଳରେ ହରେକୃଷ୍ଣପୁର ପଞ୍ଚାୟତର ଗ୍ରାମବାସୀ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସେହିଭଳି କେବଳ ବୀରହରେକୃଷ୍ଣପୁର ପଞ୍ଚାୟତ ନୁହେଁ, ବରଂ ସହରର ତଳି ଅଞ୍ଚଳ କାଶୀହରିପୁର, ଗୋପୀନାଥପୁର, ସମଙ୍ଗ ପଞ୍ଚାୟତ ଓ ଶାସନ ଦାମୋଦରପୁର ପଞ୍ଚାୟତବାସୀ ପ୍ରତିବର୍ଷ ବନ୍ୟା ପାଣିରେ ଉବୁଟୁବୁ ହେଉଛନ୍ତି। ବିଧାନସଭାଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଏପରିକି ବିଭାଗୀୟ ଅଧିକାରୀମାନଙ୍କୁ ବାସ୍ତବିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛି। ମାତ୍ର କାର୍ଯ୍ୟ ହୋଇପାରିନାହିଁ। ସବୁ ସ୍ତରରେ କେବଳ ପ୍ରତିଶ୍ରୁତି ମିଳିଛି। ଏଷ୍ଟିମେଟ୍ ହୋଇଗଲାଣି, ଟେଣ୍ଡର କେବେ ହେବ ବୋଲି ଠକାଯାଉଛି। ଯେହେତୁ ସରକାରୀ ଦଳର ବିଧାୟକ ନୁହେଁ, ଏଣୁ ପ୍ରଶାସନ ମୋ କଥା ଶୁଣୁନାହାନ୍ତି। ସେହିଭଳି କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀଙ୍କୁ ମଧ ଦାବିପତ୍ର ଦିଆଯାଇଛି।

## ବନ୍ୟାଜଳରେ ଧୋଇଗଲା ଶହଶହ ହେକ୍ଟର ଫସଲ

ଡେଲାଙ୍ଗ,୨୪।୮(ଡି.ଏନ୍.ଏ.)

ବନ୍ୟାଜଳରେ ଡେଲାଙ୍ଗ ବ୍ଲକର ଶହଶହ ହେକ୍ଟର ଧାନ ଫସଲ କ୍ଷେତ ନଷ୍ଟ ହୋଇଯାଇଛି। ଫଳରେ ଚାଷୀମାନେ ଚିନ୍ତାରେ ଅଛନ୍ତି। ବନ୍ୟାଜଳ ଆସିବାର ୧୫ଦିନ ପୂର୍ବରୁ ଡେଲାଙ୍ଗ ଅଞ୍ଚଳର ଶତକଡା ୮୦ଭାଗ ଚାଷୀ ଧାନରୁଆ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ । ଆଉ ୨୦ ଭାଗଚାଷୀଙ୍କ ତଳିଘେର ପ୍ରସ୍ତୁତି ହୋଇରହିଥିଲା। ମୌସୁମୀ ବିଳମ୍ବରେ ଆସିବା ଯୋଗୁ ଚାଷୀମାନେ ବିଳମ୍ବରେ ଚାଷକାମ କରିଥିଲେ । ହଠାତ ଲଗାଣ ବର୍ଷା ଯୋଗୁ ବନ୍ୟା ସମସ୍ୟା ଉପୁଜିଥିଲା। ଫଳରେ ଚାଷ କାର୍ଯ୍ୟ ଶେଷ ହେବା ସମୟରେ ବନ୍ୟା ଆସିବା ଯୋଗୁ ଜମିରେ ପାଣି ଜମିରହିଥିଲା। ବନ୍ୟାଜଳ ଛାଡିଥିବା ଧାନଜମିରେ ଫସଲ ପଚି ନଷ୍ଟ ହୋଇଯାଇଛି। ସରକାରୀ ସହାୟତା ମିଳୁଥିଲେ ମଧ ତାହା ସମୁଦ୍ର ଶଙ୍ଖେ। ତେଣୁ ପ୍ରଶାସନ ପକ୍ଷରୁ ଉଚିତ୍ ତଦନ୍ତ କରି ଅଧିକ ସହାୟତା ଦିଆଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।

## ନିମାପଡ଼ା ମହିଳା କଲେଜ ରାସ୍ତା ବିପର୍ଯ୍ୟସ୍ତ

ନିମାପଡ଼ା, ୨୪।୮(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଅଫିସ ଓ ପୂର୍ତ୍ତ ବିଭାଗ ଅଫିସଠାରୁ ମାତ୍ର ଅଧକିଲୋମିଟର ଦୂରରେ ଥିବା ଏନ୍‌ଏସିର ୮ନଂ.ୱାର୍ଡ ଅନ୍ତର୍ଗତ ମହିଳା କଲେଜର ମୁଖ୍ୟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାରେ ବହୁ ଖାଲଖମା ଥିବାରୁ ଅଧିକାଂଶ ସମୟରେ ଛାତ୍ରୀଙ୍କ ସମେତ ଜନସାଧାର ମଧ ପଡ଼ି ଗୁରୁତର ହେଉଛନ୍ତି। କଲେଜ ପକ୍ଷରୁ ଏହି ରାସ୍ତା ପାଇଁ ବିଭାଗୀୟ ନିକଟରେ ବାରମ୍ବାର ଅଭିଯୋଗସତ୍ତ୍ୱେ ମରାମତି କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ହେଲେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଏ ଦିଗରେ ସାମାନ୍ୟତମ ଧ୍ୟାନ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ପୌରବାସୀ ବାଳକୃଷ୍ଣ ମିଶ୍ର, ଅଭୟ ସ୍ୱାଇଁ, ରାଜେଶ ପ୍ରଧାନ, ସୁବାସ ସ୍ୱାଇଁ ପ୍ରମୁଖ କହିଛନ୍ତି।

ବର୍ଷା ବେଳେ ଜଳ ନିଷ୍କାସନ ହୋଇ ନ ପାରି ମୁଖ୍ୟରାସ୍ତାରେ ଲହଡ଼ି ମାରୁଛି। ମୁଖ୍ୟ କଥା ହେଲା, ଏହି



ରାସ୍ତାରେ ଇନ୍ଦିରା ଗାନ୍ଧୀ ମହିଳା କଲେଜ, ଏଲ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟ, ନର୍ସିଂ କଲେଜ ଆଦି ରହିଛି। ତେଣୁ ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ଦାବି କରିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ କହିଛନ୍ତି, ଏହି ରାସ୍ତାଟି ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ମରାମତି କରିବା ଦାୟିତ୍ୱ ପୂର୍ତ୍ତ ବିଭାଗର, ତଥାପି ଏନ୍‌ଏସି ପକ୍ଷରୁ ଏହି ଅଭିଯୋଗ ସମ୍ପର୍କରେ ପୂର୍ତ୍ତ ବିଭାଗକୁ ଅବଗତ କରିବୁ। ସେହିପରି ଏନ୍‌ଏସିର ୮ନଂ. ୱାର୍ଡର କାଉନସିଲର ନିବେଦିତା ପଟ୍ଟନାୟକ କହିଛନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତାକୁ ମରାମତି କରାଯିବାକୁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଛି। ଅପରପକ୍ଷେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ଦାସଙ୍କୁ ବୁଧବାର ଅପରାହ୍ନ ସାଢ଼େ ୧ଟା ବେଳେ ମୋବାଇଲ ନଂ. ୯୪୩୭୧୦୯୭୪୪ ରେ ଯୋଗାଯୋଗ କରାଯାଇଥିବା ବେଳେ ଉଠାଇ ନ ଥିଲେ। ନିମାପଡ଼ା- ପିପିଲି ମୁଖ୍ୟ ପୂର୍ତ୍ତ ସଡ଼କଠାରୁ ଏହି ମହିଳା କଲେଜ ରାସ୍ତାକୁ ଏଲଆଇସି ଅଫିସ ପର୍ଯ୍ୟନ୍ତ ପକ୍କା କଂକ୍ରିଟ ରାସ୍ତା କରିବାକୁ ୱାର୍ଡବାସୀ ଦାବି କରିଛନ୍ତି। ଯଦି ଏହି ରାସ୍ତାର ତୁରନ୍ତ ମରାମତି କରା ନ ଯାଏ, ମହିଳା କଲେଜ ଲେନ୍‌ବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ

ପୁରୀ ଅଫିସ, ୨୪।୮

ବନ୍ଦେ ଉତ୍କଳ ଲୋକକଳା ଓ ଲୋକସଂସ୍କୃତି ମହାସଂଘ ପକ୍ଷରୁ ବଡଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ବୁଧବାର ଏକ ରାଜ୍ୟସ୍ତରୀୟ ରାଜ୍ୟ ପ୍ରତିଭା ସମ୍ମାନ ସମ୍ବନ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି, ସୁଲେଖକ ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ସଂସ୍କୃତି ବିଭାଗର ରାଜ୍ୟ ସଂଯୋଜକ ବାସୁଦେବ ମାଳ ବିଶୋୟୀ, ଖବରଦାତା ସୁଜ୍ଞାନ ଚୌଧୁରୀ, ମୁରଲୀଧର ସେଠୀ, ପ୍ରାଚୀ



ରାଜ୍ୟସ୍ତରୀୟ ରାଜ୍ୟ ପ୍ରତିଭା ସମ୍ମାନ ସମ୍ବନ୍ଧିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସଂସ୍କୃତି ଗବେଷକ ଓ ସୁଲେଖକ ହଂସନାଥ ସାହୁ, ଅବସରପ୍ରାପ୍ତ ସମୁଦ୍ର ବିଜ୍ଞାନୀ ଯୋଗେଶ ଚନ୍ଦ୍ର ମହାପାତ୍ର ଏବଂ ତୁଳସୀ କ୍ଷେତ୍ରର ସମ୍ପାଦକ ସୁଦର୍ଶନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ବିଶିଷ୍ଟ ତଥା ବରିଷ୍ଠ କଳା ଉପରେ କାର୍ଯ୍ୟ କରୁଥିବା ବ୍ୟକ୍ତି, ଖବରଦାତା, ସାମାଜିକ କର୍ମୀ, ଶିକ୍ଷା, କବି, ଲେଖକ, ସାହିତ୍ୟିକ, ଯୋଗ ଓ ଲୋକକଳା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଭାଙ୍କୁ ମାନପତ୍ର ଦେଇ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ବିଜୟ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଆଇନଜୀବୀ ଅବଦୁଲ ବାରି ଏବଂ ଲକ୍ଷ୍ମୀପ୍ରିୟା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅମିଲ ପଟେଲ, ମୀନକେତନ ପ୍ରଧାନ, ପ୍ରବୀର ପାତ୍ର, ଅଶୋକ ନାୟକ, ବିନୋଦ ଭୋଇ, ପ୍ରଦୀପ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହାସଂଘର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶରତ ପରିଡା ଧନ୍ୟବାଦ ଦେଇଥିଲେ।

**ସେପ୍ଟେମ୍ବର ୧୭ରେ ଧନେଶ୍ୱର ରଥଙ୍କ ଶ୍ରାଦ୍ଧ ବାର୍ଷିକୀ**

**କଟକ ଅଫିସ:** ଶିକ୍ଷାପ୍ରେମୀ ଧନେଶ୍ୱର ରଥଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପୂଜ୍ୟପୂଜା ସମାରୋହ-୨୦୨୨ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସ୍ୱର୍ଗତ ରଥଙ୍କ କର୍ମମୟ ଜୀବନ, ସ୍ୱପ୍ନ ଓ ସଂକଳ୍ପ ଆଧାରିତ ଅନୁଭୂତି, ଶିକ୍ଷା, ସଂସ୍କୃତି, ଆଧାତ୍ମିକ ଚିନ୍ତନ ଓ ମାନବବାଦୀ ଦୃଷ୍ଟିଭଙ୍ଗୀ ଉପରେ ଗଳ୍ପ, କବିତାକୁ ନେଇ ଶୋଭନ ସ୍ମରଣିକା 'ଅମୃତ ଅନୁଭବ' ପ୍ରକାଶ ପାଇବ। ଏଥିପାଇଁ ଆଗ୍ରହୀ ଲେଖିକାଲେଖକ ଆସନ୍ତା ସେପ୍ଟେମ୍ବର ୫ ସୁଦ୍ଧା ଲେଖା ପଠାଇବାକୁ ଧନେଶ୍ୱର ରଥ ଫାଉଣ୍ଡେସନ ପକ୍ଷରୁ ନିବେଦନ କରାଯାଇଛି।



## ସଂକ୍ଷେପରେ

### ଡିଆଇପିଆରଓଙ୍କୁ ଭେଟିଲେ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ

**ଉନ୍ନୟନମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ**

**କଟକ ଅଫିସ, ୨୪।୮:** କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ବୁଧବାର ପୂର୍ବାହ୍ଣରେ କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ(ଡିଆଇପିଆରଓ)ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଡିଆଇପିଆରଓ ଲଲାଟେନ୍ଦୁ ମହାପାତ୍ରଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ଓ ସୂଚନା ପ୍ରଦାନ ସେବାକୁ ତ୍ୱରିତ ବେଗରେ ଜନସାଧାରଣଙ୍କ ନିକଟରେ ଗଣମାଧମ ମାଧମ ଜରିଆରେ ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ପରିଦର୍ଶନବେଳେ କଟକ ସଦର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ସହାୟକ ଶିବ ପ୍ରସାଦ ମହାନ୍ତିଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ୫ ବାଇକ୍ ଜବତ, ଯୁବକ କୋର୍ଟ ଚାଲାଣ



**କଟକ ଅଫିସ,୨୪।୮:** ବାଇକ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ କ୍ୟାଣ୍ଟନମେଣ୍ଟ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ରହଣୋ ଗ୍ରାମର ଟିଟୁ ଓରଫ ମନୋଜ କୁମାର ସ୍ୱାଇଁ(୨୮)। ତାଙ୍କଠାରୁ ୫ଟି ଚୋରି ବାଇକ୍ ଜବତ କରାଯାଇଛି। ସ୍ଥାନୀୟ ହାତୀପୋଖରୀ ଅଞ୍ଚଳର ମହମ୍ମଦ ଆସିଫ ମର୍ନିଂୱାକ୍ ପାଇଁ ବାଇକ୍ (ନଂ.ଓଡ଼ି୦୫ଏଚ-୪୭୭୨)ରେ ଇନ୍‌ଡୋର ଷ୍ଟାଡିୟମ ନିକଟରେ ପହଞ୍ଚିଥିଲେ। ଷ୍ଟାଡିୟମ ନିକଟରେ ବାଇକ୍ ରଖି ଭିତରକୁ ଯାଇଥିଲେ। ସେଠାରୁ ଆସିବା ପରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୮/୨୨) ରୁଜୁ କରିଥିଲା। ପରେ ପୋଲିସ ତଦନ୍ତ କରି ଟିଟୁଙ୍କୁ ଗିରଫ କରିବା ସହ ଆସିଫଙ୍କ ବାଇକ୍ ଜବତ କରିଥିଲା। ପଚରାଉଚୁରାବେଳେ ସେ ଆଉ ୪ଟି ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲା। ଫଳରେ ପୋଲିସ ସେଗୁଡ଼ିକୁ ଜବତ କରିଥିଲା।

### କମ୍ୟୁନିଟି ହଲ୍ ଉଦ୍‌ଘାଟିତ

**ନିଆଳି,୨୪।୮(ଡି.ଏନ୍.ଏ.):** ନିଆଳିର ଅଚିହ୍ନା ପଡିଆରେ ମଲ୍ଟିପର୍ପସ କମ୍ୟୁନିଟି ହଲ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଏହି ପଡିଆର ଉନ୍ନତୀକରଣ ପାଇଁ ଯୋଜନା କରାଯାଉଛି। ଆଗାମୀ ଦିନରେ ଏହା ଏକ ମିନି ଷ୍ଟାଡିୟମରେ ପରିଣତ ହେବ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମା' କୁତାମଚଣ୍ଡୀ ଆସୋସିଏଶନକୁ ଦିଆଯାଇଛି ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚ ବବିତାରାଣୀ ବେହେରା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂହ, ଆମ୍ବାର ଅଧକ୍ଷ ବିଷ୍ଣୁ ଚରଣ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ଆଦିତ୍ୟ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଦେବବ୍ରତ ସାହୁ ଧନ୍ୟବାଦ ଦେଇଥିଲେ।

# ରାସ୍ତା, ପୋଲ ନିର୍ମାଣରେ ବାଧକ ଜମି ଅଧିଗ୍ରହଣ

**ଖୁଣ୍ଟୁଣୀ,୨୪।୮(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ରାଧାକୃଷ୍ଣପୁର ପଞ୍ଚାୟତ ଅଧୀନ ରାଧିକାପାଟିଆ ଆଦିବାସୀ ସାହିକୁ ରାସ୍ତା ଓ ପୋଲ ନିର୍ମାଣ ପାଇଁ ବିଭିନ୍ନ ଯୋଜନାରେ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ହେଲେ ଏହି ରାସ୍ତା ନିର୍ମାଣ ନିମନ୍ତେ ଜଙ୍ଗଲ ଜମି ଓ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ପ୍ରତିବନ୍ଧକ ସାଜିଛି। ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଆଗାମୀ ଦିନରେ କିଭଳି ଭାବେ ସମସ୍ତ ପ୍ରତିବନ୍ଧକ ହଟାଇ ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ଓ ପୋଲ ନିର୍ମାଣ କରାଯିବ ସେଥିପାଇଁ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ମଙ୍ଗଳବାର ରାଧାକୃଷ୍ଣପୁର ପଞ୍ଚାୟତର ବିର୍ଷାମୁଣ୍ଡା ଯୁବକ ସଂଘ ହାଟ ପଡିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ କହିଛନ୍ତି। ରାଧିକାପାଟିକା ଆଦିବାସୀ ସାହିରେ ୮ଟି ପରିବାରର ୪୦ ଜଣ ଲୋକ ବସବାସ କରୁଛନ୍ତି। ଏଠାକାର ଲୋକମାନଙ୍କୁ ସରକାର ବିଭିନ୍ନ ସମୟରେ ସରକାରୀ ସୁବିଧା ଯୋଗାଇ ଦେଉଛନ୍ତି। ୨୦୧୮ରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ମାଗଣାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ସେହିପରି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ରାଶନ କାର୍ଡ ପ୍ରଦାନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଧ୍ୟ ଯୋଗାଇ ଦିଆଯାଇଛି। ଏହି ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ୧୦ ଲକ୍ଷ ୪୭ ହଜାର ୩୦୭ ଟଙ୍କା ଓ ୨୦୨୨/୨୩ ଆର୍ଥିକ ବର୍ଷରେ ପଞ୍ଚଦଶ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରେ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେବେ ବ୍ୟକ୍ତିଗତ ଓ ଜଙ୍ଗଲ ଜମି ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଛି। ଏ ସମ୍ପର୍କରେ ଜମି ମାଲିକଙ୍କ ସହ ଆଲୋଚନା ଜାରି ରହିଛି। ଅପରପକ୍ଷେ ଏପରି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ କେତେକ ଖଳପ୍ରକୃତିର ଲୋକେ ହୀନ ରାଜନୀତି କରିବା ସହ ଆଦିବାସୀମାନଙ୍କୁ ମିଥ୍ୟା ତଥ୍ୟ ଦେଇ ଭ୍ରମିତ କରୁଛନ୍ତି ବୋଲି ଗାଗରାଇ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଦିବାସୀ ନେତା ସୋମା ସଏ, ପଞ୍ଚାୟତ ବିଜେଡି ସଭାପତି ଶିବରାମ ହେମ୍ବ୍ରମ, ରାଧାକୃଷ୍ଣପୁର ସରପଞ୍ଚ କାହ୍ନୁଚରଣ ମହାନ୍ତି ଓ ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲଗୋଦାମରେ ଚଢ଼ାଉ, ଖାଦ୍ୟର ମାନ ଯାଞ୍ଚ



ଜିଲା ଯୋଗାଣ ବିଭାଗ ପକ୍ଷରୁ ବୁଧବାର ମାଲଗୋଦାମ ଅଞ୍ଚଳର ଏକ ଗୋଦାମରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।

**କଟକ ଅଫିସ, ୨୪।୮**

କଟକ ଜିଲା ଯୋଗାଣ ବିଭାଗ ପକ୍ଷରୁ ବୁଧବାର ମାଲଗୋଦାମରେ ଚଢାଉ କରାଯାଇଥିଲା। ସେଠାରେ ଥିବା ୪ଟି ଗୋଦାମରେ ଅଟା, ସୁଜି, ଡାଲି, ବେସନ, ମଇଦା, ଚିନିର ମାନ ଯାଞ୍ଚ କରାଯାଇଥିଲା। ଚଢ଼ାଉବେଳେ ମାଲିକମାନଙ୍କୁ ଗୋଦାମର ସବିଶେଷ ବିବରଣି ଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉବେଳେ ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ଯୋଗାଣ ନୀରିକ୍ଷୀକ କେଦାର ନାଥ ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓଏଲଏକ୍ସ ଦ୍ୱାରା ଚାକିରି ଦେବା ଆଳରେ ଠକେଇ

**ଭୁବନେଶ୍ୱର, ୨୪।୮(ବ୍ୟୁରୋ)**

- **ନକଲି ସାମ୍ବାଦିକ ସମେତ ୨ ଗିରଫ**
- **ଯୁବତୀଙ୍କୁ ହୋଟେଲରେ ୫ ଘଣ୍ଟା ଅଟକ ରଖିଥିଲେ**

ଓଏଲଏକ୍ସ ଦ୍ୱାରା ଚାକିରୀ ଦେବାକୁ କହି ଜଣେ ଯୁବତୀଙ୍କୁ ହୋଟେଲ ଭିତରେ ୫ ଘଣ୍ଟାରୁ ଅଧିକ ସମୟ ଅଟକ ରଖି ଦୁର୍ବ୍ୟବହାର କରିବା ସହ ତାଙ୍କୁ ଠକିବା ଅଭିଯୋଗରେ ଶହୀଦନଗର ପୋଲିସ ନକଲି ସାମ୍ବାଦିକଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ଦୈତାରୀ ଥାନା ଅଞ୍ଚଳର ଶ୍ରବଣ ମହାନ୍ତ ଓ ଯାଜପୁର ଜିଲା ରଘୁନାଥପୁର ଅଞ୍ଚଳର ଗଗନ ବିହାରୀ ମଲ୍ଲିକ। ଏନେଇ ପୋଲିସ ଏକ ମାମଲା (ନଂ. ୪୦୩/୨୨) ରୁଜୁ କରିଛି। ସେମାନଙ୍କଠାରୁ ନକଲି ପ୍ରେସକାର୍ଡ ସହ ବିଭିନ୍ନ ନକଲି କାଗଜପତ୍ର ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଓଏଲଏକ୍ସରେ ଚାକିରି ଦେବାକୁ ଶ୍ରବଣ ବିଜ୍ଞାପନ ଦେଇଥିଲେ। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଜଣେ ଯୁବତୀ ତାଙ୍କୁ ଯୋଗାଯୋଗ କରିଥିଲେ। ରୁପାଲି ଛକସ୍ଥିତ ଏକ ଓୟୋ ହୋଟେଲରେ ଇଣ୍ଟରଭ୍ୟୁ ପାଇଁ ତାଙ୍କୁ ଡ଼କାଯାଇଥିଲା। ଯୁବତୀଜଣଙ୍କ ଉକ୍ତ ହୋଟେଲକୁ ଯିବା ପରେ ତାଙ୍କୁ ଏକ ଜେରକ୍ସ ଦୋକାନରେ କାମ କରିବାକୁ କୁହାଯାଇଥିଲା। ଏଥିସହ ଗଗନ ଓ ଶ୍ରବଣ କବାଟ ବନ୍ଦ କରିଦେଇଥିଲେ। ଏହାପରେ ତାଙ୍କଠାରୁ ମୋବାଇଲ ଫୋନ,୨୫ଶହ ଟଙ୍କା ନେଇଯାଇଥିଲେ। ଯୁବତୀ ଏହାକୁ ବିରୋଧ କରିବାରୁ ଶ୍ରବଣ ନକଲି ପ୍ରେସକାର୍ଡ ଦେଖାଇ ରୁମ୍‌ରେ ୫ ଘଣ୍ଟା ଅଟକ ରଖି ଦୁର୍ବ୍ୟବହାର କରିଥିଲେ। ଯୁବତୀ ସେଠାରୁ ଖସି ଆସି ଥାନାରେ ଅଭିଯୋଗ କରିଥିଲେ। ଗଗନ ଉକ୍ତ ହୋଟେଲ ନିକଟରେ ଏକ ଜେରକ୍ସ ଦୋକାନ ଖୋଲି ବିଭିନ୍ନ ଆପ୍ଲିକେଶନ ଜରିଆରେ ଓଏଲଏକ୍ସରେ ବିଜ୍ଞାପନ ଦେଇ ଠକୁଥିବା ପୋଲିସ ଜାଣିବାକୁ ପାଇଥିଲା।

## ଫିଲ୍ମ 'ଏଡିୟୁ ଗୋଦାର'ର ଟ୍ରେଲର ରିଲିଜ

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**

ସୋସିଆଲ ମିଡିଆରେ ଚର୍ଚ୍ଚା ସହ ଓଡ଼ିଆ ସିନେପ୍ରେମୀଙ୍କ ମଧ୍ୟରେ ଆଶା ସୃଷ୍ଟି କରିଥିବା ଫିଲ୍ମ 'ଏଡିୟୁ ଗୋଦାର'ର ଟ୍ରେଲର ବୁଧବାର ସ୍ଥାନୀୟ ପ୍ରେସ କ୍ଲବ ପରିସରରେ ରିଲିଜ ହୋଇଯାଇଛି। ଏଥିରେ ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗଦେଇ କହିଛନ୍ତି, ଦର୍ଶକଙ୍କ ପସନ୍ଦ ମୁତାବକ ଓଡ଼ିଆ ସିନେମାରେ ଅତି ଉଚ୍ଚକୋଟୀର ବିଷୟବସ୍ତୁ ସୃଷ୍ଟି ହେବା ଜରୁରୀ। ଏହି ଚଳଚ୍ଚିତ୍ରକୁ ପ୍ରତିଟି ଓଡ଼ିଆ ଦେଖିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ସିନେମା ଅର୍ନ୍ତଜାତୀୟ ସ୍ତରରେ ସ୍ୱୀକୃତି ହାସଲ କରିବାଠାରୁ ନିଜ ରାଜ୍ୟର ଲୋକଙ୍କ ପାଖେ ସଫଳତା ପାଇପାରିଲେ ଅଧିକ ଖୁସି ମିଳିଥାଏ ବୋଲି ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ କହିଥିଲେ। ପ୍ରଯୋଜକ ସ୍ୱସ୍ତିକ ଚୌଧୁରୀ କହିଥିଲେ, ଏଡ଼ିୟୁ ଗୋଦାରକୁ ବିଶ୍ୱ ସ୍ତରରେ ଭଲପାଇବା ମିଳିଛି। ବର୍ତ୍ତମାନ ଏହାକୁ ଓଡ଼ିଶାରେ ଭଲପାଇବା ସମୟ ଉପନୀତ। ଏହି କାର୍ଯ୍ୟକ୍ରମରେ ଅଭିନେତା ଦ୍ୱୀପନ୍ୱିତ ଦାସମହାପାତ୍ର, ଅଭିଷେକ ଗିରି, ସୁମିତ ପଣ୍ଡା, ସୁଧାରଶ୍ରୀ ମଧୁସ୍ମିତା, ସିଦ୍ଧାର୍ଥ ଗୌତମ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ସେପ୍ଟେମ୍ବର ୨ରେ ଭୁବନେଶ୍ୱର ଏବଂ କଟକର ବିଭିନ୍ନ ମଲ୍ଟିପ୍ଲେକ୍ସ ଓ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଥିବା ଏହି ଫିଲ୍ମ କୋଲକାତା ଓ ମୁମ୍ବାଇ ସର୍କଲରେ ମଧ୍ୟ ମୁକ୍ତିଲାଭ କରିବ।

# ସହରର ସୌନ୍ଦର୍ଯ୍ୟକରଣ ପାଇଁ ଆକ୍ସନ ପ୍ଲାନ୍

**କଟକ ଅଫିସ,୨୪।୮**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୯ଟି ୱାର୍ଡ ଅଞ୍ଚଳରେ ଅନେକ ସମସ୍ୟା ରହିଛି। ଏହି ସମସ୍ୟାରେ ସୁଧାର ଆଣିବା ପାଇଁ ସିଏମ୍‌ସି ପକ୍ଷରୁ ଆସନ୍ତା ୨ ବର୍ଷ ଲାଗି ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଉଛି। ସହରାଞ୍ଚଳ ସହ ଏହା ଉପକଣ୍ଠରେ ଥିବା ସିଏମ୍‌ସି ଅଞ୍ଚଳଗୁଡିକର ଉନ୍ନତୀକରଣ କରାଯିବ। ବିଶେଷକରି ଡ୍ରେନେଜ୍ ବ୍ୟବସ୍ଥା, ଆଲୋକୀକରଣ, ରାସ୍ତା ନିର୍ମାଣ, ସୌନ୍ଦର୍ଯ୍ୟକରଣ, ପରିମଳ ଆଦିରେ ସୁଧାର ଆଣିବା ପାଇଁ ଏହି ପ୍ଲାନ୍ ପ୍ରସ୍ତୁତ କରାଯାଉଛି। ସହର ଉପକଣ୍ଠ ଗୋପାଳପୁର, ଜଗତ୍‌ପୁର, ବିଦ୍ୟାଧରପୁର, ବ୍ରଜବିହାରୀପୁର, ସାର୍ତ୍ତୋଳ, ବେଲେଶ୍ୱର, କହ୍ନେଇପୁର, କାଜିପାଟଣା, ଉତ୍ତମପୁର, ଭାଣପୁର, ପ୍ରତାପନଗରୀ, ବମ୍ଫକୁଦ ଆଦି ଅଞ୍ଚଳକୁ ଅଧିକ ଗୁରୁତ୍ୱ ଦିଆଯାଇ ଉନ୍ନତୀକରଣ କାର୍ଯ୍ୟ କରାଯିବ । ସିଏମ୍‌ସିର ୩, ୫୧, ୫୪, ୫୬, ୫୭ ଓ ୫୮ ନମ୍ବର ୱାର୍ଡ ସହର ଉପକଣ୍ଠରେ ରହିଥିବାରୁ ଏବେ ବି ସେଠାରେ ଗାଁର ଛାପ ରହିଛି। ତେବେ ବାକି ୱାର୍ଡ ଭଳି ଉକ୍ତ ୱାର୍ଡଗୁଡିକୁ ସମାନ ଢଙ୍ଗରେ ଉନ୍ନତୀକରଣରେ ସାମିଲ କରାଯିବ । ଏଥିପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଅଣ୍ଟା ଭିଡିଛି ସିଏମ୍‌ସି । ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ସରିଲେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବାକୁ ଯୋଜନା ରହିଛି। ଏଥିପାଇଁ ସିଏମ୍‌ସି ନିକଟରେ ୩୦୦ କୋଟି ଟଙ୍କାର ବଜେଟ୍ ରହିଛି । ଯଦି ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଯାଏ, ତେବେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ କରାଯିବା ପାଇଁ ଯୋଜନା ରହିଥିବା ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

# ପାର୍ବଣ ପୂର୍ବରୁ ଜାଇକା କାର୍ଯ୍ୟ ଶେଷ କରିବାକୁ ଦାବି



କଂଗ୍ରେସ ପ୍ରତିନିଧିମାନେ ଜାଇକାର ଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

**କଟକ ଅଫିସ,୨୪।୮**

କଟକ ସହରରେ ଦୀର୍ଘବର୍ଷ ଧରି ଜାଇକା କାର୍ଯ୍ୟ ଚାଲିଥିଲେ ମଧ ଶେଷ ହେଉନାହିଁ। ରାସ୍ତା ମରାମତି ଆଳରେ ବିଭିନ୍ନ ସ୍ଥାନ ଖୋଳି ଦିଆଯାଇଛି। ଏଥିରେ ଲୋକମାନେ ପଡି ମୃତାହତ ହୋଇଥିବାବେଳେ ଯାତାୟାତରେ ସମସ୍ୟା ହେଉଛି। ସେହିପରି ଡ୍ରେନେଜ୍ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟଯୋଗୁ ରାସ୍ତା ଦବି ଯାଇଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଆଗକୁ ପାର୍ବଣ ଋତୁ ଆସୁଛି। ତେଣୁ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଓ ଅନିୟମିତତାରେ ସୁଧାର ଆଣିବା ପାଇଁ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଦାବି କରିଛନ୍ତି। ବିଧାୟକଙ୍କ ନିର୍ଦ୍ଦେଶରେ ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଓ ୩୮ନଂ. ୱାର୍ଡ କର୍ପୋରେଟର ସୁବାଶିଷ ପଟ୍ଟନାୟକଙ୍କ ସହ କଂଗ୍ରେସ କର୍ମୀମାନେ ବୁଧବାର ମହାନଦୀ ବିହାରସ୍ଥିତ ଜାଇକା ପ୍ରକଳ୍ପ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ଶିଳ୍ପୀ ବନ ବିହାରୀ ପରିଡ଼ାଙ୍କ ପରଲୋକ

**ଭୁବନେଶ୍ୱର,୨୪।୮ (ବ୍ୟୁରୋ)**



ଧର୍ମପଦ ପୁରସ୍କାରପ୍ରାପ୍ତ ମୁଦ୍ରଣ କଳାଶିଳ୍ପୀ ବନବିହାରୀ ପରିଡ଼ାଙ୍କର ମଙ୍ଗଳବାର ରାତି ୧୨ଟାରେ କଟକସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ବୁଧବାର କଟକ ଖାନନଗର ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ୧୯୩୪ ମସିହା ନଭେମ୍ବର ୨୦ତାରିଖରେ ଅନୁଗୋଳ ଜିଲାରେ ଜନ୍ମଗ୍ରହଣ କରିଥିଲେ। ୧୯୬୦ରେ କଳାଭବନ ଶାନ୍ତି ନିକେତନ ବିଶ୍ୱ ଭାରତୀ ଫାଇନ୍ ଆର୍ଟସ୍‌ରେ ଡିପ୍ଲୋମା କରିଥିଲେ। ଜଣେ ମୁଦ୍ରଣ ଶିଳ୍ପୀ ଭାବରେ ସେ ପରିଚିତ ଥିଲେ। କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ସେ ଅଲ୍ ଓଡ଼ିଶା ଫାଇନ୍ ଆର୍ଟସ୍ ପ୍ରଦର୍ଶନୀ ପୁରସ୍କାର, ଉତ୍କଳ ଚାରୁକଳା ପରିଷଦ ପୁରସ୍କାର, ରାଜ୍ୟପାଳ ପୁରସ୍କାର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୫ମ ଅଲ୍ ଓଡ଼ିଶା ଫାଇନ୍ ଆର୍ଟସ୍ ପ୍ରଦର୍ଶନୀରେ ସମ୍ମାନିତ ହୋଇଥିଲେ। ରାଜ୍ୟ ଲଳିତ କଳା ଏକାଡେମୀ, ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ ଆଞ୍ଚଳିକ କାର୍ଯ୍ୟାଳୟ, ଏକାଡେମୀ ଅଫ୍ ଫାଇନ୍ ଆର୍ଟସ୍ କୋଲକାତା, ଅଲ୍ ଇଣ୍ଡିଆ ଗ୍ରାଫିକ୍ ଆର୍ଟ ପ୍ରଦର୍ଶନୀ ହାଇଦ୍ରାବାଦ, ଇଣ୍ଟରନ୍ୟାଶନାଲ କଲଚରାଲ୍ ସେଣ୍ଟର ନୂଆଦିଲ୍ଲୀ, ୱାର୍ଲ୍ଡ ଆର୍ଟ ପ୍ରଦର୍ଶନୀ ନୂଆଦିଲ୍ଲୀରେ ନିଜ କଳାକୁ ପ୍ରଦର୍ଶିତ କରି ପ୍ରଶଂସା ସାଉଁଟିଥିଲେ। ତାଙ୍କ ପରଲୋକରେ ଲଳିତ କଳା ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏକାଡେମୀ କାର୍ଯ୍ୟାଳୟରେ ସଭାପତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ସଭପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଶ୍ୟାମସୁନ୍ଦର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, ଶରତ ଚନ୍ଦ୍ର ସାମଲ, ସୁନୀଲ କୁମାର ଡାକୁଆ, ଟ୍ୱିଙ୍କିଲ ମହାରଣା, ଅକ୍ଷୟ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ।

# ରିୟଲ୍ ଇଷ୍ଟେଟ ଏମ୍‌ଡିଙ୍କୁ ବାନ୍ଧିଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**

**ଫ୍ଲାଟ୍ ଦେବା ନାଁରେ ୨୦କୋଟି ଠକେଇ**

ଘର(ଫ୍ଲାଟ) ଦେବାକୁ କହି କୋଟିଏ କି ୨ କୋଟି ନୁହେଁ ବିଭିନ୍ନ ଲୋକଙ୍କଠାରୁ ପ୍ରାୟ ୨୦କୋଟି ଟଙ୍କା ଠକେଇ କରିଥିବା ଜଣେ ଠକଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଓଡିଶା ହୋମ୍ ଆଣ୍ଡ କମର୍ସିଆଲ ପ୍ରାଇଭେଟ ଲିମିଟେଡ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଅରବିନ୍ଦ ସାନ୍ତାରା। ରଞ୍ଜନ କୁମାର ମହାପାତ୍ରଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ମାମଲା (ନଂ ୧୪/୨୦୨୨) ରୁଜୁ କରି ସାନ୍ତାରାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁ ସୂଚନା ଅନୁସାରେ ରଞ୍ଜନ ୨୦୧୬ ରେ ୬୫ ଲକ୍ଷ ଟଙ୍କା ମୂଲ୍ୟରେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଳିଙ୍ଗ ଷ୍ଟୁଡିଓ ନିକଟ ସାମପୁର ମୌଜାରେ ଏକ ୩ ବିଏଚ୍‌କେ ଫ୍ଲାଟ କିଣିବାକୁ ଓଡିଶା ହୋମ୍ ଆଣ୍ଡ କମର୍ସିଆଲ୍ ପ୍ରାଇଭେଟ ଲିମିଟେଡର ଗଣପତି ହୋମ୍ ପ୍ରକଳ୍ପରେ ବୁକ୍ କରିଥିଲେ। ୨୦୧୬ ଜାନୁୟାରୀ ୨୨ରେ କ୍ରେତା ଏବଂ ବିକ୍ରେତାଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା । ଚୁକ୍ତିନାମା ଅନୁଯାୟୀ, ୨୦୧୮ ଜୁନ୍ ଶେଷ ସୁଦ୍ଧା କମ୍ପାନୀ ଫ୍ଲାଟକୁ କ୍ରେତାଙ୍କୁ ହସ୍ତାନ୍ତର କରିବାର ଥିଲା। କିନ୍ତୁ ଏଯାବତ୍ କୌଣସି ଫ୍ଲାଟ ଦେଇ ନ ଥିଲେ। ଏନେଇ ଟଙ୍କା ମାଗିବାରୁ କୌଣସି ଅର୍ଥ ଦେଇ ନ ଥିଲେ। ଫଳରେ ଠକେଇର ଶିକାର ହେବା ଜାଣି ରଞ୍ଜନ ଇଓଡବ୍ଲ୍ୟୁରେ ଦ୍ୱାରସ୍ଥ ହେବା ସହ ଏକ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ କମ୍ପାନୀ ୨୦୧୩ ରୁ ୨୦୧୬ ମଧ୍ୟରେ ସୁଲଭ ମୂଲ୍ୟରେ ଫ୍ଲାଟ ଯୋଗାଇଦେବା ପ୍ରତିଶ୍ରୁତି ଦେଇ ୪୨ ଜଣଙ୍କ ଠାରୁ ପ୍ରାୟ ୨୦ କୋଟି ଟଙ୍କା ଠକିଥିବା ତଦନ୍ତ ବେଳେ ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।





ବିଭିନ୍ନ ସମସ୍ୟା ନେଇ ଅର୍ଗାନାଇଜେଶନ ଅଫ୍ ୱର୍କିଂ ଜର୍ନାଲିଷ୍ଟ କଟକ ଶାଖା ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ ପାଇଁ ଖବରଦାତାମାନେ ଯାଉଛନ୍ତି।

# କୁଆଁପାଳ ଅଗ୍ନିଶମ କେନ୍ଦ୍ର ରାସ୍ତା ଶୋଚନୀୟ

**ମାହାଙ୍ଗା,୨୪।୮(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ କୁଆଁପାଳ ଅଲିଯୋଡ଼ାସ୍ଥିତ ଅଗ୍ନିଶମ କେନ୍ଦ୍ରର ପ୍ରବେଶ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଅଗ୍ନିଶମ ଗାଡ଼ିଗୁଡିକ ଜରୁରିକାଳୀନ ସେବା ଯୋଗାଇବା ନିମନ୍ତେ ଯାଉଥିବାବେଳେ ବାଧା ସୃଷ୍ଟି ହେଉଛି। ଅଲିଯୋଡ଼ାଠାରେ ଥିବା ଜବାହରଲାଲ ନେହେରୁ ମହାବିଦ୍ୟାଳୟ ପଡ଼ିଆ ନିକଟରେ କୁଆଁପାଳ ଦମକଳ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ମହାବିଦ୍ୟାଳୟ ସମ୍ମୁଖ ରାସ୍ତା ନିକଟରୁ ଉକ୍ତ ଦମକଳ କେନ୍ଦ୍ରକୁ ଏକ ରାସ୍ତା ନିର୍ମାଣ ହୋଇଥିଲା। ତେବେ ମହାବିଦ୍ୟାଳୟ ରାସ୍ତା ଓ ଦମକଳ କେନ୍ଦ୍ର ରାସ୍ତା ମୁଖ୍ୟରାସ୍ତାକୁ ଗୋଟିଏ ସ୍ଥାନରେ ସଂଯୋଗ କରୁଛି। ଏହା ମଧ୍ୟରେ ଏକ କଲଭର୍ଟ ନିର୍ମାଣ କରାଯାଇଥିଲା। ଏହି କଲଭର୍ଟ ନିର୍ମାଣ ହେବାର ୬ ମାସ ବିତିଯାଇଥିଲେ ମଧ୍ୟ ନିର୍ମାଣ ସ୍ଥଳରେ ଖୋଳାଯାଇଥିବା ମାଟି ପଡ଼ିରହିବା ଦ୍ୱାରା ବର୍ଷାଦିନେ ସେଠାରେ କାଦୁଅ ସହ ଆଣ୍ଠୁଏ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଦମକଳ ଗାଡ଼ି ସମେତ ମହାବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରମାନେ ହୀନସ୍ତା ହେଉଛନ୍ତି। ଏପରି କି କାଦୁଅରେ ଦମକଳ ଗାଡ଼ି ଚକ ଦବିଯିବା ଦ୍ୱାରା ଜରୁରିକାଳୀନ ସେବା ପ୍ରଦାନରେ ବିଳମ୍ବ ଘଟୁଥିବା ନେଇ ଅଭିଯୋଗ ହୋଇଛି। ତୁରନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଅଗ୍ନିଶମ କେନ୍ଦ୍ରକୁ ଯାଇଥିବା ରାସ୍ତା କର୍ଦ୍ଦମାକ୍ତ।

